## ସଂକ୍ଷେପରେ

### କଲବଲ କରିବ ଗୁଳୁଗୁଳି

ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)

ଜୁନ୍ ୮ରେ ମୌସୁମୀ ଓଡ଼ିଶା ଛୁଇଁଥିବାବେଳେ ଆଗକୁ ଅଗ୍ରସର ନ ହେବା ଫଳରେ ରାଜ୍ୟରେ ଗ୍ରୀଷ୍ମ ତାତି ତଥା ଗୁଳୁଗୁଳି ଜାରି ରହିଛି। ଗୁରୁବାର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଜରେ ଲୋକଙ୍କୁ ଗୁଳୁଗୁଳି କଲବଲ କରିବ। ଏବେ ମାଲକାନଗିରି ଓ କୋରାପୁଟରେ ମୌସୁମୀ ବାୟୁ ପ୍ରବେଶ କରିଛି। ଅନ୍ୟ ଅଞ୍ଚଳକୁ ମୌସୁମୀ ୩ରୁ ୪ ଦିନ ଭିତରେ ଅଗ୍ରସର ହୋଇପାରେ। ଆଗାମୀ ୫ଦିନ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ସହ ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବୌଦ୍ଧ, ସୁବର୍ଣ୍ଣପୁରକୁ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ରଜରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଶୁକ୍ରବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଅନୁଗୋଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାରେ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ପୃକ୍ତ ଜିଲାଗୁଡ଼ିକରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ ବର୍ଷାହେବାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

### ନିଖୋଜ ଯୁବକଙ୍କୁ ହତ୍ୟା କରିଥିଲେ ୨ ସାଙ୍ଗ

ବାରଙ୍ଗ,୧୩।୬(ଲିଙ୍ଗରାଜ ରାଉତ)

ନିଖୋଜ ସୁଶାନ୍ତ ଗୁଡୁଙ୍କ ମୃତଦେହ ମିଳିବା ଏକ ହତ୍ୟାକାଣ୍ଡ ହୋଇଥିବାବେଳେ ଏହି ଘଟଣାରେ ତାଙ୍କର ୨ ସାଙ୍ଗ ସାମିଲ ଥିବା ଜଣାପଡ଼ିଛି। ସେମାନେ ହେଲେ ରାଜେନ୍ଦ୍ର ହାଜଦା ଓ ମୋହନ ମାର୍ଣ୍ଡି। ଗୁରୁବାର ଚନ୍ଦକା ପୋଲିସ ମୃତଦେହ ଜବତ କରି ୨୨୧/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବାରଙ୍ଗ ଥାନା ଅଧୀନ କନକଦୁର୍ଗା ଆଦିବାସୀ ସାହିର ସୁଶାନ୍ତ ମଙ୍ଗଳବାରଠାରୁ ନିଖୋଜ ଥିବା ନେଇ ତାଙ୍କ ବାପା ରାମଚନ୍ଦ୍ର ଗୁଡୁ ବୁଧବାର ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ଅପରାହ୍ଣରେ ଚନ୍ଦକା ଅଞ୍ଚଳରେ ସୁଶାନ୍ତଙ୍କ ମୃତଦେହ ମିଳିଥିବାବେଳେ ସୀମା ବିବାଦରୁ ମୃତଦେହଟି ସେଠାରେ ପଡ଼ି ରହିଥିଲା। ତେବେ ଗୁରୁବାର ଚନ୍ଦକା ଓ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ସୁଶାନ୍ତ ତାଙ୍କ ୨ ସାଙ୍ଗଙ୍କ ସହ ଯାଇଥିବା ଜାଣି ସେମାନଙ୍କୁ ପୋଲିସ ଆଣି ପଚରାଉଚରା କରୁଥିଲା। ତେବେ ସୁଶାନ୍ତ ମଙ୍ଗଳବାର ରାତିରେ ତାଙ୍କ ୨ ଜଣ ସାଙ୍ଗ ସହ ଚୁଡଙ୍ଗଙ୍କୁ ମଦ୍ୟପାନ କରିବାକୁ ଯାଇଥିଲେ। ବାଟରେ ସ୍କୁଟିରୁ ତେଲ ସରିଯାଇଥିବାବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜେନ୍ଦ୍ର ଓ ମୋହନ ସୁଶାନ୍ତଙ୍କ ବେକରେ ଗାମୁଛା ଭିଡିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସେମାନେ ପୋଲିସ ଆଗରେ ପ୍ରକାଶ କରିଛନ୍ତି।

# ପଳାଶୁଣୀରେ ସିରିଜ ଦୁର୍ଘଟଣା, ୫ ଆହତ

**୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ଠପ୍, ଲୋକେ ହଇରାଣ**

- କାର୍, ବାଇକ୍‌କୁ ପଛରୁ ଧକ୍କା ଦେଲା ପଥର ବୋଝେଇ ଟ୍ରକ
- ରଜ ଭିଡ଼ ବଢ଼ାଇଲା ଦୁର୍ଦ୍ଦଶା, ନାକେଦମ୍ ହେଲା ପୋଲିସ



ଭୁବନେଶ୍ୱର,୧୩।୬(ସୂର୍ଯ୍ୟକାନ୍ତ ବେହେରା)

କିଛି ଦିନର ବ୍ୟବଧାନ ପରେ ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣୀ ଛକରେ ଗୁରୁବାର ଅପରାହ୍ଣ ପ୍ରାୟ ୪ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏକ ପଥର ବୋଝେଇ ଟ୍ରକ ୨ଟି କାର୍ ଓ ୨ଟି ବାଇକ୍‌କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଫଳରେ କାର୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଛନ୍ତି। ଟ୍ରକ ଧକ୍କାରେ କାର୍ ଚୂରମାର ହୋଇଯାଇଥିବାବେଳେ ଅନ୍ୟ ଏକ ବୁଲେଟ ମୋଟର ସାଇକେଲ ଭାଙ୍ଗିଯାଇଛି। କାରରେ ଥିବା ଜଣେ ଛୋଟ ପିଲା ସମେତ ୩ଜଣ ଏବଂ ୨ ମୋଟରସାଇକେଲ ଆରୋହୀ ଆହତ ହୋଇଛନ୍ତି। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୫ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ଏହି ଦୁର୍ଘଟଣାକୁ ନେଇ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇଯିବାରୁ ଲୋକେ ଯାତାୟାତ ନେଇ ଅସୁବିଧାର ସମ୍ମୁଖୀନ ହେବା ସହ ଟ୍ରାଫିକ ଜାମ୍‌ରେ ଫସି ରହିଥିଲେ। ଏହାପରେ ମଞ୍ଚେଶ୍ୱର ଥାନା ପୋଲିସ, ଟ୍ରାଫିକ ଏସ୍‌ପି ଜୟନ୍ତ ଦୋରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯିବା ପରେ ରାତି ୮ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା ଚଳାଇଛି। ସୂଚନା ଅନୁଯାୟୀ, ଅପରାହ୍ଣରେ ଏକ କାର୍ (ନଂ. ୨୪ ବିଏଚ୍ ୦୭୪୬ଇ) ବାଣୀବିହାର ପଟୁ କଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ଏକ ପଥର ବୋଝେଇ ଟ୍ରକ ଦ୍ରୁତଗତିରେ ସେହି ସମାନ ଦିଗରେ ଯାଇ କାର୍ ସମେତ ୨ଟି ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ରଜ ଭିଡ଼ ଟ୍ରାଫିକ୍ ଜାମ୍ ଦୁର୍ଦ୍ଦଶାକୁ ବଢାଇ ଦେଇଥିଲା। ଜାତୀୟ ରାଜପଥକୁ ଲାଗିଥିବା ସମସ୍ତ ରାସ୍ତା ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଜାମ୍ ରହିଥିଲା। ଭିଡ଼ ନିୟନ୍ତ୍ରଣ କରିବା ନିମନ୍ତେ ଟ୍ରାଫିକ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

### ଫୁଟ୍ ଓଭରବ୍ରିଜ୍ ନ ହେଲେ ରାସ୍ତାରୋକୋ କରିବେ ଅଞ୍ଚଳବାସୀ

ଗତ କିଛି ମାସ ମଧ୍ୟରେ ପଳାଶୁଣି ଛକରେ ଦୁର୍ଘଟଣା ଘଟି ୧୦ରୁ ଅଧିକ ଲୋକ ଆହତ ହୋଇଥିବାବେଳେ ୫ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ବାରମ୍ବାର ସେହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଫୁଟ୍ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଏଥିପାଇଁ ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ସ୍ଥାନ ନିରୂପଣ ହୋଇପାରୁନଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଅନ୍ୟପକ୍ଷରେ ରଜ ପରେ ସ୍କୁଲ ଖୋଲୁଥିବାରୁ ପିଲାମାନେ ବିପଦପୂର୍ଣ୍ଣ ଭାବେ ରାସ୍ତା ପାର ହେବେ। ତେଣୁ ପ୍ରଶାସନ ତୁରନ୍ତ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ ସମାଜସେବୀ ନାରାୟଣ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ଲୋକ ରାସ୍ତାରୋକୋ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।







ରଜ ପୂର୍ବରୁ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସନ୍ଧ୍ୟାରେ ରସୁଲଗଡ଼ ଛକର ଦୃଶ୍ୟ। (ଫଟୋ: ବିକାଶ ନାୟକ)

### ଅଭିଯୁକ୍ତ ମହିଳା ଜେଲ ଗଲେ

**ନାବାଳିକାଙ୍କୁ ଘରେ ଖଟାଇ ଚେଙ୍କ ଦେବା ଘଟଣା**

ଭୁବନେଶ୍ୱର,୧୩।୬(ସତ୍ୟଜିତ୍ ରାଉତ)

ନାବାଳିକାଙ୍କୁ ଘରେ ଖଟାଇ ନିଆଁ ଚେଙ୍କ ସହ ଅସହ୍ୟ ନିର୍ଯାତନା ଦେବା ଘଟଣାରେ ମୈତ୍ରୀ ବିହାର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତ ମହିଳାଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଗଜପତି ନଗରସ୍ଥିତ ପ୍ରେସ୍ ଛକ ନ୍ୟୁ ଗଭର୍ନମେଣ୍ଟ କଲୋନିସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା ଲିପିକା ରଞ୍ଜନ ସାହୁ (୪୨)। କୋର୍ଟଚାଲାଣ ପରେ ଅଭିଯୁକ୍ତ ଲିପିକାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଲିପିକା ଓ ତାଙ୍କ ସ୍ୱାମୀ ସାଲିଆ ସାହିରୁ ନାବାଳିକାଙ୍କୁ ୧୦ ମାସ ହେଲା ଆଣି ଘରେ କାମ କରାଉଥିଲେ। ଏଥିପାଇଁ ନାବାଳିକାଙ୍କ ମା' ବାପାଙ୍କୁ ସେମାନେ କିଛି ଟଙ୍କା ଦେଉଥିଲେ। ହେଲେ ନାବାଳିକା ଜଣକ ଘର କାମରେ ଅବହେଳା କଲେ ଲିପିକା କ୍ଷମା ଦେଉ ନ ଥିଲେ। ନାବାଳିକାଙ୍କ ପେଟରେ ଓ ହାତରେ ଗରମ ପ୍ରେସର୍ କୁକର ଦ୍ୱାରା ଚେଙ୍କ ଦେଉଥିଲେ। ବେଲନା କାଠିରେ ନିଷ୍ଠୁର ଭାବେ ବାଡ଼ାଉଥିଲେ। ବୁଧବାର ପୂର୍ବାହ୍ଣରେ ଆହତ ନାବାଳିକା ଜଣକ ନିର୍ଯାତନା ସହି ନ ପାରି କୌଣସି ମତେ ଖସି ପଳାଇ ଆସିଥିଲେ। ଜଣେ ପଡ଼ୋଶୀଙ୍କୁ କାନ୍ଦି କାନ୍ଦି ଘଟଣା ବିଷୟରେ କହି ସାହାଯ୍ୟ ମାଗିଥିଲେ। ପଡ଼ୋଶୀ ଜଣକ ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରାଇ ସ୍ଥାନୀୟ ସିଡିପିଓଙ୍କୁ ଜଣାଇଥିଲେ। ସିଡିପିଓଙ୍କଠାରୁ ଖବର ପାଇ ଚାଇଲ୍ଡଲାଇନ ସଦସ୍ୟମାନେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଏତଲାକ୍ରମେ ପୋଲିସ ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ ଏକ ମାମଲା (ନଂ. ୨୫୧/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଲିପିକାଙ୍କ ସ୍ୱାମୀ ବଳଭଦ୍ର ନାବାଳିକାଙ୍କୁ ମାଡ଼ ମାରୁଥିଲେ କି ନାହିଁ ସେନେଇ ପୋଲିସ ଖୋଳତାଡ଼ କରୁଛି।

### ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ଶୁଭେଚ୍ଛା

ଭୁବନେଶ୍ୱର,୧୩।୬ (ଅନୁରାଧା ମହାରଣା)



ସୀତାଂଶୁ ମୋହନ ଦ୍ୱିବେଦୀ

ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଢ଼ିବା ସହ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଶପଥ ନେଇଛନ୍ତି। ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ମାଝି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ସମସ୍ତ ମନ୍ତ୍ରୀ ପରିଷଦ ସଦସ୍ୟଙ୍କୁ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟରେ କର୍ତ୍ତବ୍ୟରତ ଅଧିବକ୍ତାଙ୍କ ପାଇଁ ନୂତନ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ଆଶାବାଦୀ ଥିବା ସେ କହିଛନ୍ତି। ବିଶେଷକରି ପୂର୍ବ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ଦାବିଗୁଡ଼ିକ ନୂଆ ସରକାର ପୂରଣ କରିପାରିବେ ବୋଲି ସେ କହିଛନ୍ତି। ଓଡ଼ିଶା ଆଇନଜୀବୀ ପରିଷଦ ଅନ୍ତର୍ଭୁକ୍ତ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଦିଆଯାଇଥିବା ଅନୁଦାନ ରାଶିକୁ ୫କୋଟିରୁ ୧୦କୋଟି ଟଙ୍କାକୁ ବୃଦ୍ଧି, ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସମସ୍ତ ଓକିଲଙ୍କୁ ୧୦ଲକ୍ଷ ଲେଖାଏ ସହାୟତା, ଓଡ଼ିଶାରେ କେରଳ ରାଜ୍ୟ ଭଳି ଆଇନଜୀବୀ ଏକାଡେମୀ ପ୍ରତିଷ୍ଠା ଓ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନ ପ୍ରଦାନ ଆଦି ଦାବୀ ପୂରଣ ନେଇ ପରିଷଦ ଆଶାବାଦୀ ଥିବା ମତ ପ୍ରକାଶ ପାଇଛି। ଆଇନରେ ସ୍ନାତକ ଶିକ୍ଷା ଲାଭ କରିଥିବା ମୁଖ୍ୟମନ୍ତ୍ରୀ ଆଇନଜୀବୀଙ୍କ ସମସ୍ୟାର ସମାଧାନ କରିବେ ବୋଲି ଦ୍ୱିବେଦୀ କହିଛନ୍ତି।

### 'ଶ୍ରୀ' କାର୍ଯ୍ୟକ୍ରମରେ ମହିଳାଙ୍କ ସୁରକ୍ଷା ସଚେତନତା




ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)

ବିଚାର ଭାରତୀ ଟ୍ରଷ୍ଟ ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ କିଶୋରୀ ଓ ମହିଳାଙ୍କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ଶ୍ରୀ' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖରପୁରର ରାଧାକୃଷ୍ଣ ବସ୍ତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନରେଟର ପୁରା ଟିମ୍ ଉପସ୍ଥିତ ଥିଲେ। ଏଥିସହ ସାମାଜିକକର୍ମୀ ସ୍ୱପ୍ନା ତ୍ରିପାଠୀ, ଜି-୧୦୦ର ଓଡ଼ିଶା ମୁଖ୍ୟ ମହିମିତା ମିଶ୍ର, 'ଶ୍ରୀ' ଅଭିଯାନର ମୁଖ୍ୟ ପ୍ରୀତି ଧଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ଜଣ ମହିଳା ଓ ଝିଅ ଉପସ୍ଥିତ ଥିଲେ। ଟ୍ରଷ୍ଟର ଉପସଭାପତି ସଂଘମିତ୍ରା ପାଢ଼ୀ ଓ ଅଭିଯାନର ସଂଯୋଜିକା ବବିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଚ୍‌ଇଆର୍‌ର ଅଧିକାରୀ ଶୁଭଶ୍ରୀ ନାୟକ ଟିମ୍‌ର ଦୁଇଟି ଜରୁରୀକାଳୀନ ନମ୍ବର ବିଷୟରେ ଆଲୋକପାତ କରିଥିଲେ। ମହିଳାମାନେ ୬୩୭୨୫୦୦୪୦୦ ଏବଂ ୧୧୨ ନମ୍ବରରେ ସୁରକ୍ଷା ପାଇଁ ଯେକୌଣସି ସମୟରେ ଯୋଗାଯୋଗ କରିପାରିବେ ବୋଲି ସେ କହିଥିଲେ।

### ଡେଙ୍ଗୁ ସଚେତନତା ପାଇଁ ବୁଲିଲା ନିଧିରଥ

ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)

ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ସଚେତନତା ବାର୍ତ୍ତା ଦେବା ପାଇଁ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରୁ ୩ଟି ନିଧିରଥ ବାହାରିଛି। ରଥକୁ ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ୍ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ଲୋକଙ୍କ ପାଖକୁ ଯାଇ ଡେଙ୍ଗୁ ସମ୍ପର୍କରେ ବୁଝାଇବ। ସହରର ଯେଉଁସବୁ ସମ୍ବେଦନଶୀଳ ସ୍ଥାନ ରହିଛି, ସେଠାରେ ନାଗରିକମାନଙ୍କର କି ପ୍ରକାର ଆଚରଣ ରହିଛି, କିପରି ସେମାନଙ୍କ ସହଯୋଗରେ ସହରରୁ ଡେଙ୍ଗୁ ଭୟ ଦୂର ହେବ ଆଦିକୁ ବୁଝାଇବା ପାଇଁ ନିଧିରଥ ଆୟୋଜନ କରାଯାଇଛି। ରଥ ବିଭିନ୍ନ ଅଞ୍ଚଳକୁ ଯାଇ ବିଭିନ୍ନ ଭିଡିଓ ବାର୍ତ୍ତା ଦେବ। ଏହି ରଥରେ ଡେଙ୍ଗୁ ସହିତ ମ୍ୟାଲେରିଆ ଓ ଡାଇରିଆ ସମ୍ପର୍କରେ ମଧ୍ୟ ସଚେତନ କରାଯିବ। ନିଧିରଥଗୁଡ଼ିକ ୩ଟି ଜୋନ୍‌କୁ ଯାଇ ବିଭିନ୍ନ ଅଞ୍ଚଳ ବୁଲିଥିଲା। ବିଏମ୍‌ସି ଦକ୍ଷିଣପୂର୍ବ ଜୋନ୍‌ର ପ୍ରାୟ ୨୭୦ଜଣ କ୍ଷେତ୍ରକର୍ମୀ ପ୍ରଶିକ୍ଷଣରେ ଭାଗନେଇଥିଲେ। ପ୍ରତ୍ୟେକ ୱାର୍ଡର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଏବଂ ସ୍ୱଚ୍ଛସାଥି ଏଥିରେ ଯୋଗଦେଇଥିଲେ। ଭୁବନେଶ୍ୱରର ବିବିଧ ଅଞ୍ଚଳକୁ ନେଇ ସମୁଦାୟ ୧୩୦୦୦ ଲେନ୍‌ରେ ବିଭକ୍ତ କରାଯାଇଛି।

## ୧୩ ଦିନରେ ସହରରୁ ୨୪ ଡେଙ୍ଗୁ ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)



ବର୍ଷାଋତୁ ଆରମ୍ଭ ନ ହେଉଣୁ ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଇଛି। ରାଜ୍ୟରେ ଡେଙ୍ଗୁ ସଂକ୍ରମଣରେ ଖୋର୍ଦ୍ଧା ଜିଲା ସର୍ବଦା ଆଗରେ ରହୁଥିବାବେଳେ ଭୁବନେଶ୍ୱର ହଟ୍‌ସ୍ପଟ୍ ପାଲଟୁଛି। ଗତ ୨/୩ବର୍ଷ ଧରି ଏହି ଧାରା ବଜାୟ ରହିଛି। ସ୍ମାର୍ଟସିଟି ହୋଇ ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ସର୍ବାଧିକ ରହୁଥିବେଳେ, ପ୍ରତ୍ୟେକ ବର୍ଷ ବିଏମ୍‌ସି ଡେଙ୍ଗୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ଚଳିତ ଥର ମଧ୍ୟ ସମାନ ସ୍ଥିତି ଉପୁଜିବା ଆଶଙ୍କା ଦେଖାଦେଇଛି। ଜୁନ୍ ଆରମ୍ଭରୁ ୧୩ ତାରିଖ ସୁଦ୍ଧା ସହରରୁ ମୋଟ୍ ୨୪ଜଣ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବୁଦ୍ଧ ବିହାର ଏବଂ ପଟିଆ ଅଞ୍ଚଳରୁ ସର୍ବାଧିକ ୪ଜଣ ଲେଖାଏ ସଂକ୍ରମିତ ରହିଥିବା ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ମାତ୍ର ୧୩ ଦିନରେ ସହରରୁ ଏତେ ମାତ୍ରାରେ ସଂକ୍ରମିତ ଚିହ୍ନଟ ହେବା ପରେ ଏହାକୁ କିପରି ମୁକାବିଲା କରିବ ସେ ନେଇ ବିଏମ୍‌ସିର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ତେବେ ଏହି ସଂଖ୍ୟା କେବଳ ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ଟେଷ୍ଟର ତଥ୍ୟ ହୋଇଥିବାବେଳେ ବେସରକାରୀ ସ୍ତରରେ ସଂକ୍ରମିତଙ୍କ ସଂଖ୍ୟା ଆହୁରି ଅଧିକ ରହିଥିବା ଜଣାଯାଇଛି। ଅପରପକ୍ଷେ ଏଥର ମଧ୍ୟ ବର୍ଷାଦିନ ପୂର୍ବରୁ ନାଳ, ରାସ୍ତାକଡ଼, ସ୍ଥିର ଜଳଉତ୍ସ ଓ ଅନ୍ୟ ଅଞ୍ଚଳରେ ସଫେଇ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଜୁନ୍ ମାସ ଶେଷ ନ ହେଉଣୁ ମଶାଙ୍କ ଉପଦ୍ରବ ଆରମ୍ଭ ହୋଇଯାଇଛି। ବିଏମ୍‌ସିର ଖାମଖିଆଲ ନୀତି ପାଇଁ ପ୍ରତିବର୍ଷ ସହରରେ ଡେଙ୍ଗୁ ସଂକ୍ରମଣ ରେକର୍ଡ ଛୁଇଁବାରେ ଲାଗିଛି। ଗତବର୍ଷ ସହରରୁ ପ୍ରାୟ ୫ହଜାର ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଏଥିରେ ୫ଜଣ ମୃତ୍ୟୁବରଣ କରିଥିଲେ। ଏନେଇ ବିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ ବିଶୋଇ କହିଛନ୍ତି, ଏଲିସା ପଦ୍ଧତି ହିଁ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରିବାର ଠିକ୍ ମାଧ୍ୟମ। କ୍ୟାପିଟାଲ ହସ୍ପିଟାଲ, ଆର୍‌ଏମ୍‌ଆର୍‌ସି, ପଟିଆ ଏବଂ ଆଇଆର୍‌ସି ଭିଲେଜ୍ ହସ୍ପିଟାଲରେ ହେଉଥିବା ଟେଷ୍ଟିଂକୁ ହିସାବରେ ନିଆଯାଉଛି। ଘରୋଇ ହସ୍ପିଟାଲରେ ହେଉଥିବା ଟେଷ୍ଟରେ ଅନେକ ସମୟରେ ରିପୋର୍ଟ ଠିକ୍ ଆସେ ନାହିଁ। ତେଣୁ ସେଗୁଡିକୁ ହିସାବକୁ ନିଆଯାଏ ନାହିଁ। ଏବେସୁଦ୍ଧା ସହରରେ ସ୍ଥିତି ଭଲ ରହିଛି। ବୁଦ୍ଧବିହାର ଏବଂ ପଟିଆ ଅଞ୍ଚଳରେ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେହି ହସ୍ପିଟାଲରେ ଚିକିତ୍ସିତ ହେଉନାହାନ୍ତି। ସଂକ୍ରମିତ ଚିହ୍ନଟ ହେଉଥିବା ସ୍ଥାନକୁ ଟିମ୍ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ଏହାବାଦ୍ ବିଏମସି ପକ୍ଷରୁ ନିୟମିତ କାର୍ଯ୍ୟ କରାଯାଉଛି। ୧୮ ତାରିଖ ଠାରୁ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ଘରକୁ ଘର ବୁଲି ସର୍ଭେ କରିବେ। ଏବେ ପ୍ରବଳ ଗରମ ହେଉଥିବାରୁ ମଶାଧୂଆଁ ଦେବା ସମ୍ଭବ ନୁହେଁ। ତେବେ ମଶା ଲାର୍ଭା ନଷ୍ଟ କରିବା ପାଇଁ ସତ୍ୟନଗର ଓ ଶହୀଦନଗର ନାଳରେ ଗମ୍ବୁସିଆ ମାଛ ଛଡ଼ାଯାଇଥିବା ଡା. ବିଶୋୟୀ କହିଛନ୍ତି।

### ଫେଲ୍ ମାରୁଛି ରଣନୀତି

ସହରରେ ଡେଙ୍ଗୁ ସଂକ୍ରମଣ କମାଇବା ପାଇଁ ବିଏମ୍‌ସି ବିଭିନ୍ନ ସମୟରେ ଭିନ୍ନଭିନ୍ନ ରଣନୀତି ଆପଣାଉଛି। କେତେବେଳେ ଡ୍ରାଏ ପାଳନ ତ ଆଉ କେତେବେଳେ ଗଣ ସଫେଇ କାର୍ଯ୍ୟକ୍ରମ ହାତକୁ ନେଉଛି। ସେହିପରି ଘରକୁ ଘର ବୁଲି ସର୍ଭେ କରିବା, ଫଗିଂ କରିବା, ନାଳରେ ଗମ୍ବୁସିଆ ମାଛ ଛାଡିବା ଭଳି ବିଭିନ୍ନ ପଦକ୍ଷେପ ନେଉଛି। ମାତ୍ର ଏତେ ପରେ ବି ସବୁ ଚେଷ୍ଟା ଫେଲ୍ ମାରୁଛି। କାରଣ ଡେଙ୍ଗୁ ମଶା ସାଧାରଣତଃ ସ୍ଥିର ଜଳରେ ଅଣ୍ଡା ଦେଉଛନ୍ତି, ଯାହା ଉପରେ ବିଏମ୍‌ସି ଦୃଷ୍ଟି ଦେଉନାହିଁ। ସେହିପରି ଗମ୍ବୁସିଆ ଏବଂ ଗପି ମାଛକୁ ବୋହିଯାଉଥିବା ଜଳ ଉତ୍ସ ବା ନାଳରେ ପକାଯାଉଛି। ଫଳରେ ଏହି ମାଛମାନେ ମଶାଙ୍କ ଲାର୍ଭା ଖାଇବାରେ ସଫଳ ହେଉଛନ୍ତି। ମାତ୍ର ଡେଙ୍ଗୁ ବାହାକ ମଶାଙ୍କ କ୍ଷେତ୍ରରେ ତାହା ଲାଭଦାୟକ ହେଉନାହିଁ। ସେହିପରି ନାଳ ନର୍ଦ୍ଦମାରେ କରାଯାଉଥିବା ଫଗିଂ ମଧ୍ୟ କାମ କରୁନାହିଁ। ଅପରପକ୍ଷେ ଡେଙ୍ଗୁ ମଶା ସାଧାରଣତଃ ଦିନବେଳା କାମୁଡୁଥିବାବେଳେ ବିଏମ୍‌ସି ସନ୍ଧ୍ୟାରେ ମଶାଧୂଆଁ ଛାଡ଼ିଥାଏ। ତେଣୁ ଡେଙ୍ଗୁ ସଂକ୍ରମଣକୁ ରୋକିବା ଦିଗରେ ବିଏମ୍‌ସି ସଫଳ ହେଉନାହିଁ।

**ସଂକ୍ଷେପରେ**

## ଛୟାନବେସାହି ସାଧବ ସମାଜ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ, ୧୩।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମସ୍ଥିତ ଛୟାନବେ ସାହି ସାଧବ ସମାଜ ଓ ଜିଲା ନିଖିଳ ଉତ୍କଳ ତୈଳିକ ମହାସଭା ପକ୍ଷରୁ ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ଉପେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ ତୈଳିକ ମହାସଭାର ସାଧାରଣ ସମ୍ପାଦକ ଗୁରୁକିଙ୍କର ଜେଠି ଏବଂ ସଙ୍ଗଠନର ମୁଖପାତ୍ର ସାଧବ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ରାଜନ କୁମାର ସାହୁ, ଛୟାନବେ ସାହି ସାଧବ ସମାଜର କାର୍ଯ୍ୟକାରୀ ସଭାପତି ଦେବାଶିଷ ସାହୁ, ସମ୍ପାଦକ ଯୋଗୀନାଥ ସାହୁ, ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ସାହୁ, ସୁକୁମାରୀ ସାହୁଙ୍କ ସମେତ ସମସ୍ତ ପେଣ୍ଠର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳମତ ନିର୍ବିଶେଷରେ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ରଜ ପର୍ବ ପାଇଁ ଚଳଚଞ୍ଚଳ ଗାଁଠୁ ସହର

ଯାଁଳା, ୧୩।୬(ବୁଲା ବାରିକ)

ରଜ ପର୍ବ ପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇଉଠିଛି। ଘରେ ଘରେ ପୋଡ଼ପିଠା, ଏଣ୍ଡୁରି, ଇଟଲି, ଆରିସା, କାକରା ଆଦି ପିଠା ପାଇଁ ପ୍ରସ୍ତୁତି ଚାଲିଛି। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ହେବ। ରାଜଧାନୀ ଉପକଣ୍ଠ ଖଣ୍ଡଗିରି ପାହାଡ଼ ପାଦଦେଶରେ ଥିବା ପାନ୍ଥିକା ପରିସରରେ ପ୍ରଥମ ଥର ଓଟିଡିସି ପକ୍ଷରୁ ରଜ ଉତ୍ସବ ପାଳନ ହେବ। ଏହି ଉତ୍ସବ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପାନ୍ଥିକା ପରିସରରେ ୪ଟି ଦୋଳିର ବ୍ୟବସ୍ଥା କରାଯାଇଛି। ଏହା ସହ ଯୁବତୀମାନଙ୍କ ପାଇଁ ଏକ ସେଲ୍‌ଫି ପଏଣ୍ଟ ସହ ଘୋଡାନାଚ ଓ ସାନ୍ତାଳୀ ନାଚର ବ୍ୟବସ୍ଥା କରାଯାଇଛି। ରଜ ସଂକ୍ରାନ୍ତିରେ ସମ୍ବଲପୁରୀ ନାଚର ବ୍ୟବସ୍ଥା କରାଯାଇଛି। ସେହିଭଳି ୧୬ତାରିଖରେ ସମସ୍ତେ ପିଠା, ମିଠା ଓ ରଜ ପାନ ଖାଇ ଦୋଳି ଖେଳି ରଜ ଉତ୍ସବକୁ ସମାପନ କରାଯିବ। ସେହିଭଳି ଡୁମୁଡୁମାରେ ମଧ୍ୟ ଦୁଇଦିନ ଧରି ରଜ ମଉଜ ପାଳନ ହେବ। ପଞ୍ଚସଖା ନଗରର ଶିବ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ପିଠା ତିଆରି କରାଯାଇ ମହିଳା ସଙ୍ଗଠନ ପକ୍ଷରୁ ଏହି ପର୍ବ ପାଳନ କରାଯିବ। ଘାଟିକିଆରେ ୩ଦିନ ବ୍ୟାପୀ ଏହି ରଜ ମହୋତ୍ସବ ପାଳନ କରାଯିବ। ସେହିଭଳି ପାତ୍ରପଡା, ମଦନପୁର ଓ ମୁଣ୍ଡମୁହାଣରେ ମଧ୍ୟ ଅନୁରୂପଭାବେ ଦୋଳିର ବ୍ୟବସ୍ଥା କରାଯାଇଛି। ପୁଚି, ଲୁଡୁ, କ୍ୟାରମ ଆଦି ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର ପିଠା ଖାଇ ରଜ ଉତ୍ସବ ପାଳନ ନେଇ ବ୍ୟବସ୍ଥା କରାଯାଇଛି।

# ରଜପାନ, ପିଠାରେ ମହକିବ ବରୁଣେଇ

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

■ ୩ଦିନ ବ୍ୟାପୀ ଜମିବ, ସମ୍ବର୍ଦ୍ଧିତ ହେବେ ପ୍ରତିଭା

■ ଯୋଗଦେବେ ୨୮ ସାଂସ୍କୃତିକ ଅନୁଷ୍ଠାନ



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସୂଚନା ଦେଉଛନ୍ତି।

ଖୋର୍ଦ୍ଧାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଦିଶାନ୍ତ' ଆନୁକୂଲ୍ୟରେ ଓ ଜିଲା ପ୍ରଶାସନର ସହଯୋଗରେ ବରୁଣେଇ ପୀଠରେ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଶ୍ୟାମମାଧବ ପାଠାଗାରଠାରେ ଦିଶାନ୍ତ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସୂଚନା ଦେଇଛନ୍ତି। ରଜ ହେଉଛି ଓଡ଼ିଶାର କୃଷିଭିତ୍ତିକ ପର୍ବ। ମୌସୁମୀ ଆଗମନର ଅବ୍ୟବହିତ ପୂର୍ବରୁ ଏହି ପର୍ବ ଓଡ଼ିଶାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥାଏ। ବରୁଣେଇ ପାହାଡ଼ ପାଦଦେଶରେ ଶତାଧିକ ବର୍ଷ ଧରି ରଜ ପର୍ବ ପାଳିତ ହୋଇ ଆସୁଥିବା ବେଳେ ୨୦୦୮ ମସିହାରୁ 'ଦିଶାନ୍ତ' ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଆସୁଛି। ଓଡ଼ିଶାର ପ୍ରାଚୀନ ଲୋକକଳା, ଐତିହ୍ୟ, ସଂସ୍କୃତି ପରମ୍ପରା, ଓଡ଼ିଶୀ ନୃତ୍ୟ, ସଙ୍ଗୀତକୁ ଜନମାନସରେ ଉଜ୍ଜୀବିତ ଏହି ମହୋତ୍ସବର ଲକ୍ଷ୍ୟ। ଏହି ମହୋତ୍ସବରେ ନବନିର୍ବାଚିତ ବିଧାୟକ, ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରଜରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ, ଷ୍ଟଲ ଖୋଲାଯିବ ବୋଲି ମିତ୍ର ସୂଚନା ଦେଇଛନ୍ତି।

ସେହିପରି ସମ୍ପାଦକ ତଥା କାଉନ୍‌ସିଲର ଦିଲୀପ କୁମାର ପରିଡ଼ା କହିଛନ୍ତି, ୩ଦିନ ବ୍ୟାପୀ ପିଲାଙ୍କ ମଧ୍ୟରେ ରଜପାନ, ଝୋଟି, ପୁଚି, ହୁଳହୁଳି, ଚିତା, ରଜ ପିଠା, ପଶାଖେଳ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଜିଲାର ୨୧ଟି ବେସରକାରୀ ଓ ୭ଟି ସଂସ୍କୃତି ବିଭାଗ ଅନୁମୋଦିତ ସାଂସ୍କୃତିକ ଦଳ ଭାଗ ନେବେ। ସାଂସ୍କୃତିକ ଦଳ ମଧ୍ୟରେ ସମ୍ବଲପୁରୀ, ଓଡ଼ିଶୀ, ପାଇକ ଆଖଡ଼ା, ଘୋଡ଼ା ଓ ବାଘନୃତ୍ୟ, ଚଢ଼େଇ ଚଢ଼େଇଆଣୀ ଆଦି ଦଳ ରହିଛି। ଏତଦ୍‌ବ୍ୟତୀତ କୋଲକାତା ଏବଂ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ, ଚଳଚ୍ଚିତ୍ର ଅଭିନେତା ପ୍ରମୁଖ ଯୋଗଦେବେ। ସ୍ଥାନୀୟ କଳାକାରମାନେ ମଧ୍ୟ ସେମାନଙ୍କ କଳା ପ୍ରଦର୍ଶନ କରିବେ। କଳା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ୟାଙ୍କର ଯୋଗେ ପାନୀୟଜଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଜଳଛତ୍ର, ବିଭିନ୍ନ ସ୍ଥାନରେ ବଡ଼ ଛତା ଲଗାଯିବ। ବରୁଣେଇ ପୀଠ ଚାରିପାଖ ଆଲୋକୀକରଣ, ଅସ୍ଥାୟୀ ଅଗ୍ନିଶମ ସେବାସଂସ୍ଥା କ୍ୟାମ୍ପ, ପୋଲିସ ସହାୟତା କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା ରହିବ। ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଅଲଗା ପାର୍କିଂ ବ୍ୟବସ୍ଥା କରାଯାଇଛି। ମହୋତ୍ସବ ପରିଚାଳନା ଓ ସହଯୋଗ ଦୃଷ୍ଟିରୁ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ ବୋଲି ସମ୍ପାଦକ ପରିଡ଼ା ସୂଚନା ଦେଇଛନ୍ତି।

## ଆଜିଠୁ ବଡ଼କୁଲ ଓଡିଆଇ ଆର୍ଟ ସେଣ୍ଟରରେ ରଜକୁମାରୀ ପ୍ରତିଯୋଗିତା


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବାଲୁଗାଁ, ୧୩।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ ବଡ଼କୁଲସ୍ଥିତ ଓଡିଆଇ ଆର୍ଟ ସେଣ୍ଟର ପରିସରରେ ଶୁକ୍ରବାରଠାରୁ ତିନିଦିନ ଧରି ରଜକୁମାରୀ ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା କୁମାରୀମାନଙ୍କ ମଧ୍ୟରେ ପାନଭଙ୍ଗା, ପାନଖିଆ, ପିଠାର ବିଭିନ୍ନ ବ୍ୟଞ୍ଜନ, ମେହେନ୍ଦି, ପୁଚି ଖେଳ, ମ୍ୟୁଜିକ ଚେୟାର, ଝୋଟି, ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ହେବ ବୋଲି ଅନୁଷ୍ଠାନର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଥିଲେ। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନର ପରିଚାଳକ ସୌରଭ ପଣ୍ଡା ଓ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ଦାସ ଉପସ୍ଥିତ ରହି ଏହି ଉତ୍ସବ କିପରି ପ୍ରଚାର ଓ ପ୍ରସାର ହେବ ସେ ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଥିଲେ। ରଜପର୍ବର ଅନ୍ତିମ ଦିବସରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରଜକୁମାରୀ ଉପାଧିରେ ବିଭୂଷିତ କରାଯିବ। ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।


ବେଗୁନିଆ ବ୍ଲକ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ବିଶ୍ୱନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ'ର ଏକ ଦୃଶ୍ୟ।

## ବିଭିନ୍ନ ସ୍ଥାନରେ ମୁକ୍ତ ମଞ୍ଚ ନାଟକ

ବେଗୁନିଆ, ୧୩।୬(ସନ୍ଧ୍ୟାରାଣୀ ମିଶ୍ର)

ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ବେଗୁନିଆ ବ୍ଲକରେ ବିଭିନ୍ନ ସ୍ଥାନରେ ମୁକ୍ତ ମଞ୍ଚ ନାଟକ ପରିବେଷଣ ହୋଇଯାଇଛି। ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଢିଲୋ ଗ୍ରାମର ସପ୍ତେଶ୍ୱର ଦେବଙ୍କ ଶୀତଳ ଷଷ୍ଠୀ ଯାତ୍ରା ଉପଲକ୍ଷେ 'ଟିକିଏ ଭୁଲ ପାଇଁ' ନାଟକ ପରିବେଷଣ ହୋଇଥିଲା। ସେହିପରି କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ବିଶ୍ୱନାଥ ଦେବଙ୍କ ପୀଠରେ ଶୀତଳ ଷଷ୍ଠୀ ଯାତ୍ରା ଉପଲକ୍ଷେ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ', ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା ଲୋକନାଥ ଦେବଙ୍କ ପୀଠରେ ନାଟକ 'ସୁଖ ଚାରଣାକୁ ଦୁଃଖ ବାରଣା' ମଞ୍ଚସ୍ଥ ହୋଇଥିଲା। ଏଥିସହିତ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଶୀତଳ ଷଷ୍ଠୀ ଉତ୍ସବ ପାଳନ ଅବସରରେ ନାଟକ 'ଆସିଛି ମୁଁ ଏକା ଯିବି ମୁଁ ଏକା' ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ମା' ଉଗ୍ରତାରାଙ୍କ ପୀଠରେ ୫ ଦିନିଆ ରଜ ମହୋତ୍ସବ

ଟାଙ୍ଗୀ/ନିରାକାରପୁର, ୧୩।୬ (ରଘୁନାଥ ସାହୁ/ ମାନସ ଚନ୍ଦ୍ର ପଟ୍ଟନାୟକ)



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁରସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ପାଳନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରତିବର୍ଷ ଏଠାରେ ୩ଦିନ ରଜ ମହୋତ୍ସବ ପାଳନ ହେଉଥିବା ବେଳେ ଚଳିତବର୍ଷ ୫ଦିନ ପାଳନ ହେବ ବୋଲି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଘୋଷଣା କରିଛନ୍ତି। ଏଥିପାଇଁ କମିଟି ଚେୟାରମ୍ୟାନ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ବିଡିଓ ରେସମା ଟେଟେ, ସେବାୟତ ସଂଘ ସଭାପତି ଯୁଧିଷ୍ଠିର ସାମନ୍ତରାୟ, ସମ୍ପାଦକ ଦିଲୀପ କୁମାର ସାମନ୍ତରାୟ, ସାନରାଉତପଡ଼ା ସରପଞ୍ଚ କିଶୋର ରାଉତରାୟଙ୍କ ସମେତ ସମସ୍ତ ସଦସ୍ୟ ପ୍ରସ୍ତୁତି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ରଜ ମହୋତ୍ସବରେ ଏଠାରେ ବହୁ ଦୋକାନ ଖୋଲିଥାଏ। ଆଖପାଖ ଅଞ୍ଚଳର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଜମ୍ମୁ-କଶ୍ମୀରର ବୈଷ୍ଣୋଦେବୀ କଟ୍ରାରୁ ଶିବଖୋରି ଯିବା ସମୟରେ ରିୟାସୀଠାରେ ହିନ୍ଦୁ ତୀର୍ଥଯାତ୍ରୀଙ୍କ ଉପରେ ଗତ ୯ ତାରିଖରେ ଆତଙ୍କବାଦୀମାନେ ଆତ୍ମଘାତୀ ଆକ୍ରମଣ କରିଥିଲେ। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ(ବିଏଚ୍‌ପି), ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜମ୍ମୁ-କଶ୍ମୀରରେ ଇସ୍‌ଲାମିକ ଜେହାଦୀମାନେ ଆତଙ୍କରାଜ ଚଳାଇଛନ୍ତି। ଧାରା ୩୭୦ ହଟିବା ପରେ ଆତଙ୍କବାଦୀମାନେ ହିଂସ୍ର ହୋଇଉଠିଛନ୍ତି। ସେମାନଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ନିରୀହ ହିନ୍ଦୁମାନଙ୍କୁ ଟାର୍ଗେଟ୍ କରି ଆକ୍ରମଣ କରୁଛନ୍ତି। ସମ୍ପ୍ରତି ଦେଶରେ ନୂତନ ସରକାର ଗଠନ ପରେ ଆତଙ୍କବାଦୀମାନଙ୍କ ଏଭଳି କାଣ୍ଡ ଦେଶ ପ୍ରତି ଏକ ବିଦ୍ରୋହର ଆହ୍ୱାନ ସଦୃଶ ସନ୍ଦେହ ପାଲଟିଛି। ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଏହି ଭୀରୁତା, କାପୁରୁଷତାପୂର୍ଣ୍ଣ କାର୍ଯ୍ୟକୁ ନିନ୍ଦା କରୁଛି। ବଜରଙ୍ଗ ଦଳ ଖୋର୍ଦ୍ଧା ବିଭାଗ ସଂଯୋଜକ ନୃତ୍ୟଜିତ ଚମ୍ପତିଙ୍କ ନେତୃତ୍ୱରେ ଜିଲା ସଂଯୋଜକ ଉଦିତ ନାରାୟଣ ପ୍ରହରାଜ, ସହ ସଂଯୋଜକ ଏସ୍‌ଏମ୍ ଦିବ୍ୟପ୍ରକାଶ, ବିଏଚ୍‌ପି ପ୍ରଖଣ୍ଡ ସଭାପତି ଅଜୟ କୁମାର ମାଝି, ସୁଦର୍ଶନ ରଥଙ୍କ ସମେତ ଏକାଧିକ କାର୍ଯ୍ୟକର୍ତ୍ତା ବିକ୍ଷୋଭରେ ସାମିଲ ହୋଇଥିଲେ।



ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଅଞ୍ଚଳର ବିକାଶ ପାଇଁ ଚେଷ୍ଟା ଜାରି ରହିବ: ପ୍ରଦୀପ

ବୋଲଗଡ, ୧୩।୬(ଦେବବ୍ରତ ହୋତା)

ବୋଲଗଡ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ରାଜସୁନଖଳା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଧାୟକ ପ୍ରଦୀପ ସାହୁଙ୍କୁ ୧୯ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦସଭ୍ୟ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ବିଭିନ୍ନ ଅନୁଷ୍ଠାନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେବା ମନୋଭାବ ନେଇ ବେଗୁନିଆକୁ ସମୃଦ୍ଧ ଓ ସଶକ୍ତ ଅଞ୍ଚଳରେ ପରିଣତ କରିବାକୁ ଚେଷ୍ଟା ରହିବ ବୋଲି ବିଧାୟକ ସାହୁ କହିଛନ୍ତି। ଏଥିରେ ବାନାମ୍ବର ମାଝୀ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦୁ ସାହୁ, ପ୍ରଫୁଲ୍ଲ ପ୍ରଧାନ ମଞ୍ଚାସୀନ ଥିଲେ। ଦିଲୀପ ଦତ୍ତ ଧନ୍ୟବାଦ ଦେଇଥିଲେ।

## ରାସ୍ତା ଉପରେ ଜଳିଗଲା ହାଇୱା

ଟାଙ୍ଗୀ, ୧୩।୬(ରଘୁନାଥ ସାହୁ)



ଟାଙ୍ଗୀ ମଙ୍ଗଳାଯୋଡ଼ି ଛକ ନିକଟ ରାସ୍ତା ଉପରେ ଗୁରୁବାର ସକାଳେ ଏକ ହାଇୱା ଜଳିଯାଇଛି। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ଉକ୍ତ ହାଇୱା (ଓଡି୦୨ ବିଜେ ୨୧୦୯)ରୁ ତେଲ ଲିକ୍ ହେଉଥିବା ଜାଣିବା ପରେ ଡ୍ରାଇଭର ଜଣଙ୍କ ଗାଡ଼ିକୁ ଅଟକାଇ ମରାମତି କରିଥିଲେ। ପରେ ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିବା ସମୟରେ କୌଣସି କାରଣରୁ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଡ୍ରାଇଭର ଗାଡ଼ିରୁ ବାହାରି ପଳାଇ ଆସିଥିଲେ। ରାସ୍ତା ଉପରେ ଗାଡ଼ିଟି ଜଳୁଥିବାରୁ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଶିକ୍ଷାକ୍ଷେତ୍ରରେ ନୀଳକଣ୍ଠଙ୍କ ଅବଦାନ ଅତୁଳନୀୟ

ବେଗୁନିଆ, ୧୩।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ କୁଳମଣି ମିଶ୍ର ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅମୂଲ୍ୟ ବାହିନୀପତି, ଶିକ୍ଷାବିତ୍ ଉପେନ୍ଦ୍ର ଦାଶ, ଶିବ ନାରାୟଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଧାୟକ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାର ପ୍ରାରମ୍ଭରେ ସ୍ୱର୍ଗତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ସେବକ ହୋଇ କାର୍ଯ୍ୟ କରିବି ବୋଲି ବିଧାୟକ ସାହୁ କହିଥିଲେ। ଶିକ୍ଷାକ୍ଷେତ୍ରରେ ନୀଳକଣ୍ଠଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଜଗଦୀଶ ମହାପାତ୍ର, ମନସ୍ୱିନୀ ସାହୁ, ପ୍ରତିଭା ଦଳାଇ, ରବୀନ୍ଦ୍ର ଜେନା ଓ ଗଙ୍ଗାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ବ୍ଲକ ପ୍ରତିନିଧି ପ୍ରଶାନ୍ତ ବେହେରା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ଶିଶିର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, କୈଳାସ ନାଥ ସୁବୁଦ୍ଧି, ଶ୍ରୀକାନ୍ତ ବାହିନୀପତି, ମାନସ ରଞ୍ଜନ ଦାଶ, ରଞ୍ଜନ ବେହେରା, ହରିବନ୍ଧୁ ସାହୁ, ଦୀପକ ରଞ୍ଜନ ଦାଶ, ମନୋରଞ୍ଜନ ପଣ୍ଡା, ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ମୁରଲୀଧର ପଣ୍ଡା, ବାଇଧର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପରିବା ଦରବୃଦ୍ଧିକୁ ନେଇ ଚିନ୍ତାରେ ଖାଉଟି



ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

ଶୁକ୍ରବାର ରଜ ପର୍ବ। ଏଥିପାଇଁ ଗାଁଠୁ ସହର ଉତ୍ସବମୁଖର ହୋଇପଡ଼ିଥିବା ବେଳେ ପରିବା ଓ ରାଶନ ସାମଗ୍ରୀ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତାର କାରଣ ପାଲଟିଛି। ପରିବା ଦର କେଜି ପିଛା ୧୦ରୁ ୨୦ ଟଙ୍କା ବୃଦ୍ଧି ଘଟିଛି। ବାଇଗଣ କେଜି ପିଛା ୩୦ରୁ ୫୦ଟଙ୍କା, ଟମାଟୋ ୪୦ରୁ ୬୦, କାଙ୍କଡ଼ ୫୦ରୁ ୭୦, ଭେଣ୍ଡି ୪୦ରୁ ୬୦, ପିଆଜ ୩୦ରୁ ୪୦, ଆଳୁ ୨୫ରୁ ୩୦, ପୋଟଳ(ଦେଶୀ) ୫୦ରୁ ୬୦, ଝୁଡ଼ୁଙ୍ଗ ୧୦୦ରୁ ୧୨୦, ଅଦା ୧୫୦ରୁ ୨୦୦, ରସୁଣ ୧୫୦ରୁ ୧୭୦, ଜହ୍ନି ୫୦ରୁ ୭୦, କଲରା ୫୦ରୁ ୭୦, ଆମ୍ବ ୪୦ରୁ ୬୦ଟଙ୍କାକୁ ବୃଦ୍ଧି ହୋଇଛି। ସେହିଭଳି ଚାଉଳ ୨୫ କେଜି ପ୍ୟାକେଟ ୬୫୦ରୁ ୮୫୦ ବଢ଼ିଥିବା ବେଳେ ଖୁଚୁରା ବଜାରରେ ଚାଉଳ କେଜି ପିଛା ୩୦ରୁ ୪୫ଟଙ୍କା ବଢ଼ିଛି। ତେଲ ୧୧୫ରୁ ୧୪୨ ଟଙ୍କା ଛୁଇଁଲାଣି। ସେହିଭଳି ରାଶନ ସାମଗ୍ରୀ ହରଡ ଡାଲି ୧୭୫ରୁ ୧୮୫, ବୁଟ ୮୦ରୁ ୯୦, ମୁଗ ଡାଲି ୧୧୦ରୁ ୧୩୦, ମଟର ୫୫ରୁ ୭୦ ବଢ଼ିଥିବା ବେଳେ ମସଲା ସାମଗ୍ରୀରେ କେଜି ପ୍ରତି ଲଙ୍କା ଗୁଣ୍ଡ ୧୭୫ରୁ ୨୯୦, ଜିରା ୬୯୦ରୁ ୭୨୦, ଧନିଆ ୧୫୦ରୁ ୧୮୦, ସୋରିଷ ୭୦ରୁ ୯୦ ଟଙ୍କା ବଢ଼ିଛି। ତେବେ ଅଦା, ରୁସଣ, ପିଆଜ ଦର ବୃଦ୍ଧି ଲୋକଙ୍କ ନିଦ ହଜାଇ ଦେଲାଣି। କେତେଜଣ ପରିବାର ଏବେ ବିନା ପିଆଜ, ରସୁଣରେ ତରକାରି କରୁଥିବା କହିଛନ୍ତି।

**ଏମାନେ ଯାହା କୁହନ୍ତି...**

" ପରିବା ସହ ରାଶନ ସାମଗ୍ରୀ ଦର ମଧ୍ୟ ଅତ୍ୟଧିକ ବଢ଼ିଛି। ପହିଲି ରଜରେ ଘରେ ପିଠାପଣା ଆୟୋଜନ ନେଇ ଯୋଜନା ରହିଛି। ତେବେ ପରିବା ଓ ରାଶନ ସାମଗ୍ରୀ ଦରକୁ ଦେଖିଲା ବେଳକୁ କ'ଣ କିଣିବୁ ଚିନ୍ତା କରିହେଉନି।

- ମଧୁସ୍ମିତା ସାମନ୍ତରାୟ, ଗୃହିଣୀ

" ଦୈନିକ ଖଟିଲେ, ପରିବାର ଚଳେ। ଦିନସାରା ଯାହା ରୋଜଗାର ହେଉଛି ପରିବା, ରାଶନ ସାମଗ୍ରୀ ଦର ଦୁଇଗୁଣା ହୋଇଯାଉଛି। ଦୁଇ ଶହ ଟଙ୍କାରେ ପରିବା କିଣିଲେ ମଧ୍ୟ ବ୍ୟାଗ ପୂରୁନି। ଏଭଳି ସ୍ଥିତିରେ ସରକାର ଚିନ୍ତା କରିବାର ସମୟ ଆସିଛି।

- ଶରତ ଚନ୍ଦ୍ର ପଣ୍ଡା, ଖବରକାଗଜ ବିତରକ

ତୈଳ ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଯେଉଁ ଲୋକ ଏକ କେଜି ନେଉଥିଲେ ସେ ଏବେ ୫୦୦ଗ୍ରାମ ନେଉଛନ୍ତି। ସାମଗ୍ରୀର ମୂଲ୍ୟ ବୃଦ୍ଧି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କଲାଣି।

- ଜିତେନ୍ଦ୍ର ବେହେରା, କ୍ଷୁଦ୍ର ବ୍ୟବସାୟୀ

" ଦର ଯେଉଁ ଭଳି ବଢୁଛି, ତାହାକୁ ଦେଖି ସାଧାରଣ ଗରିବ ପରିବାର ଅତିଷ୍ଠ ହୋଇପଡିଲେଣି। ରୋଜଗାରକୁ ଦେଖିବା ବେଳକୁ ଦର ବୃଦ୍ଧି ବାଧିଲାଣି। ଏଭଳି ସ୍ଥିତିରେ ପରିବାର କିପରି ଚାଲିବ, ତାହାକୁ ନେଇ ସମସ୍ୟା ବଢ଼ିଛି।

- ଅବ୍ୟକ୍ତ ହରିହର ଖାଡଙ୍ଗା, ଯୁବନେତା



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୩।୬।୨୦୨୪

| | |
|---|---|
| ୪,୭୧,୩୭୨ ଟଙ୍କା | |
| ସୁନା | ୬.୫୩୦ ଗ୍ରାମ୍ |
| ରୁପା | ୧୩୮.୩୬୦ ଗ୍ରାମ୍ |

# ବିପର୍ଯ୍ୟୟ ମୁକାବିଲା ପରିଚାଳନା ପ୍ରସ୍ତୁତି

ପୁରୀ,୧୩।୬(ଅଜିତ୍ କୁମାର ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟ ଯେକୌଣସି ସମୟରେ ଆସିପାରେ। ଆମେ ତାକୁ ରୋକିପାରିବା ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇପାରିବା ବୋଲି ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶକ୍ରମେ ଗୁରୁବାର ସର୍କିଟ ହାଉସଠାରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ବେହେରା ପୁରୀ ଜିଲାରେ ବନ୍ୟା, ବାତ୍ୟା ପ୍ରାୟ ପ୍ରତି ବର୍ଷ ହେଉଥିବାରୁ ସମସ୍ତେ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେଣୁ ସମୟ ଆସିଛି ସମସ୍ତ ଅଭିଜ୍ଞତା, ଅନୁଭବ, ବୈଷୟିକ ଓ



ସର୍କିଟ ହାଉସରେ ଅଧିକାରୀମାନେ ସମୀକ୍ଷା କରୁଛନ୍ତି ।

ବୈଜ୍ଞାନିକ ପଦ୍ଧତି ଆଧାରରେ ବିପର୍ଯ୍ୟୟ ପ୍ରତି ସତର୍କ ରହିବା ସହ ମିଳିତ ମୁକାବିଲା କରିବାକୁ ସେ ମତ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ବିଭିନ୍ନ ବିପର୍ଯ୍ୟୟ ଓ ସେମାନଙ୍କ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଆସନ୍ତା ୧୮ତାରିଖରେ ଟେବୁଲ ଟପ୍ ଏକ୍ସରସାଇଜ ଓ ୧୯ ତାରିଖରେ ମକ୍ ଡ୍ରିଲ ଅନୁଷ୍ଠିତ ହେବ। ମକ୍ ଡ୍ରିଲ ହେଉଛି ଏକ ଅଭ୍ୟାସ, ଯାହା ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରେ ବିଭିନ୍ନ ଉଦ୍ଧାର, ସହଯୋଗ, ଥଇଥାନ ଇତ୍ୟାଦିର ପ୍ରସ୍ତୁତି ଓ ବ୍ୟବହାରରେ ଲାଗୁଥିବା ଯନ୍ତ୍ରପାତିଗୁଡ଼ିକର ସ୍ଥିତି ଓ ମରାମତି ସମ୍ପର୍କରେ ସୂଚିତ କରିଥାଏ ବୋଲି କହିଥିଲେ। ଅପରପକ୍ଷରେ ବୈଠକ ପୂର୍ବରୁ ଟାଉନ ହଲ୍‌ଠାରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ବେହେରାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବ୍ଲକଗୁଡ଼ିକରେ ହେବାକୁ ଥିବା ମକ୍‌ଡ୍ରିଲ ପ୍ରସ୍ତୁତି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ଲକର ଲୋକ ପ୍ରତିନିଧି, ବନ୍ୟା, ବାତ୍ୟା ଆଶ୍ରୟ ସ୍ଥଳର ସଭାପତି, ସମ୍ପାଦକମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଡିଓ, ତହସିଲ୍‌ଦାର, ଜିଲାର ସମସ୍ତ ଏନ୍‌ଏସି ନିର୍ବାହୀ ଅଧିକାରୀ, ଜରୁରୀ ବିଭାଗର ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ପଞ୍ଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ ଗୋଟି ବହୁମୁଖୀ ଆଶ୍ରୟ ସ୍ଥଳରେ ଏହି ମକଡ୍ରିଲ ଆୟୋଜନ କରାଯିବ ବୋଲି ଡିପିଓ ଦାଶ ସୂଚନା ଦେଇଥିଲେ।

## ରଥଖଳାରୁ...

### ଚୂଡ଼ାନ୍ତ ପର୍ଯ୍ୟାୟରେ ଚଉପଟ କାର୍ଯ୍ୟ

ପୁରୀ,୧୩।୬(ଅଜିତ୍ ମହାନ୍ତି)

ଶ୍ରୀନଅରସ୍ଥିତ ରଥଖଳାରେ ୩ ରଥର ପାଟଦଣ୍ଡାରେ ମୁହାଁଟି ସଂଯୋଗ ପରେ ଆଗ ଓ ପଛ ନିରାଡ଼ି ଉଠି ପାର୍ଶ୍ୱଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡି ପଡ଼ିଛି। ଏହାର ଆଗ ଆଣି ମୁହାଁଟରେ ୫ଟି ସାଲଗୁଜ ଏବଂ ପଛ ଆଣି ମୁହାଁଟରେ ୩ଟି ଜଳଯନ୍ତ୍ର ଏବଂ ୨ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣଗୁଜ ଉଠି ସେହି ଗୁଜ ଉପରେ ବିରାଡ଼ି ସଂଯୋଗ ହୋଇ ଦଣ୍ଡାଫ୍ରେମ ବା ଚେଚିସ୍ ପ୍ରସ୍ତୁତି ଶେଷ ହୋଇଛି। ଏହି ଦଣ୍ଡାଫ୍ରେମ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ସେବକ ଏବଂ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ୩ରଥର ଆଗ ଆଣି ପଛ ଆଣି ଢ଼ମକ ଚଉପଟ ଶେଷ ହୋଇଛି। ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୨ଟି ଲେଖାଏ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି। ସେହିପରି ୩ ରଥର ଚାରୋଟି ଲେଖାଏ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ରଥର ମହାରଣା ସେବକମାନେ ୩ ରଥ ପାଇଁ ୮ଟି ଲେଖାଏ ୨୪ଟି ନାଟ ଗୋଡ଼ ପ୍ରସ୍ତୁତ କରି, ସେଥିରେ ରାହୁ ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। ରୂପକାର ସେବକମାନେ ୩ ରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ଖୋଦେଇ ସହ ଗୁରୁବାର ୩ ରଥ ଚାରି ଦୁଆର ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ଆରମ୍ଭ କରୁଛନ୍ତି। ଦର୍ପଦଳନ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ କରତି ସେବକମାନେ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ରଥରେ ପୂଜାର୍ଚ୍ଚନା ପାଇଁ ବେଣ ଘୋଡିଆ ଏବଂ ଫୁଲ ଟାଙ୍ଗଡ଼ା ଫ୍ରେମ ପ୍ରସ୍ତୁତ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଯୋକା କଣ୍ଟା, ଗୟଳ କଣ୍ଟା ଏବଂ ପୋଟଳ ପାଇଁ ବାଗିଆ କଣ୍ଟା ସହ ୪ ବାହାକାରେ ବଟନ ବାଡ଼ିଆ ପାଇଁ ଚଣାକ କଣ୍ଟା ପ୍ରସ୍ତୁତ କରୁଛନ୍ତି।



## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ର କରି ମାରପିଟ, ଥାନାରେ ଅଭିଯୋଗ

ଡେଲାଙ୍ଗ,୧୩।୬(ରଶ୍ମିରଞ୍ଜନ ପ୍ରଧାନ)

ଜାଗାବାଡ଼ିର ସୀମା ସରହଦରେ ବାଡ଼ ବୁଜିବାକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ମହିଳା ଜଣକ ଗୁରୁତର ଆହତ ହୋଇଥିବାବେଳେ ନ୍ୟାୟ ପାଇଁ ଡେଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଡେଲାଙ୍ଗ ଥାନା ଅଧୀନ ସାଉରିଆ ଗ୍ରାମର ସୋନିଦା ଚମ୍ପତିଙ୍କ ସୀମା ସରହଦରେ ପଡୋଶୀ ଶରତ ଚମ୍ପତି ବାଡ଼ ବୁଜୁଥିବାବେଳେ ସେ ଏହାକୁ ବାରଣ କରିଥିଲେ। ଏହା ପରେ ଉଭୟଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏହି ମାରପିଟ୍‌ରେ ସୋନିଦାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସେ ପ୍ରଥମେ ଡେଲାଙ୍ଗ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ, ଥାନାରେ ଅଭିଯୋଗ

ଡେଲାଙ୍ଗ,୧୩।୬(ରଶ୍ମିରଞ୍ଜନ ପ୍ରଧାନ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ୍ କରିଥିବା ନେଇ ତରଡ଼ା ଗ୍ରାମର ଜେମାମଣି ପରିଡ଼ା ହରିରାଜପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ରାତ୍ର ୧୨ଟାରେ ଜେମାମଣିର ପରିବାର ଲୋକେ ଖାଇପିଇ ଶୋଇଥିଲେ। ସେହି ଗ୍ରାମର ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ହାତରେ ଠେଙ୍ଗା, ଖଣ୍ଡା, ପନିକି, ଲୁହାରଡ ହାତରେ ଧରି ଘରେ ପଶିବା ସହିତ ମାରପିଟ୍ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ସ୍ୱାମୀ ଲକ୍ଷ୍ମୀଧର, ପୁଅ କାଳିଆ ଓ ତାଙ୍କ ବିବାହିତା ଝିଅ ଗୁରୁତର ଆହତ ହୋଇଛନ୍ତି । ଲକ୍ଷ୍ମୀଧର ଓ ପୁଅ କାଳିଆ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଝିଅ କ୍ୟାପିଟାଲ ଡାକ୍ତର ଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏନେଇ ଜେମାମଣି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡା ଏବଂ ଭାଜପାର ନେତାମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଚାରିଦ୍ୱାର ପରିକ୍ରମା କରୁଛନ୍ତି ।

# ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ନେଇ ସେବାୟତ ଅସନ୍ତୁଷ୍ଟ

ପୁରୀ,୧୩।୬(ଅଜିତ୍ ମହାନ୍ତି)

ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ଅନୁଯାୟୀ ଗୁରୁବାର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ଉପସ୍ଥିତିରେ ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛି। ରାଜ୍ୟର ନୂତନମନ୍ତ୍ରୀ ମଣ୍ଡଳ ଗୁରୁବାର ସକାଳୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ଶ୍ରୀମନ୍ଦିରରେ ଏକା ସାଙ୍ଗରେ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ ଶ୍ରୀମନ୍ଦିର ଭିତରକାଠ ନିକଟରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଏହି ସମୟରେ ଭାଜପାର ଅନେକ ନେତା ଓ କର୍ମୀ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରି ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାର ସୁଯୋଗ ନେଇ କିଛି ଭକ୍ତ ମଧ୍ୟ ଗର୍ଭଗୃହକୁ ଯାଇ ଶ୍ରୀବିଗ୍ରହଙ୍କ ଦର୍ଶନ କରିଥିଲେ। ତେବେ ଶ୍ରୀମନ୍ଦିର ଗର୍ଭଗୃହରେ ଭାଜପା ମନ୍ତ୍ରୀ ଓ ନେତା ପଶି ମହାପ୍ରଭୁଙ୍କୁ ଦର୍ଶନ କରିବା ଘଟଣାକୁ କେନ୍ଦ୍ର କରି ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ମଙ୍ଗଳ ଆଳତି ପରେ ମଇଲମ ଓ ଅବକାଶ ନୀତି ବନ୍ଦ ରଖିଥିଲେ ସେବାୟତ। ଯାହାକୁ ନେଇ କିଛି ସମୟ ଧରି ନୀତି ବନ୍ଦ ରହିବା ସହ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହ ଆଲୋଚନା ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହ ପୁଣି ଥରେ ନୀତି ଆରମ୍ଭ ହୋଇଥିଲା। ତେବେ ଏନେଇ ଜଣେ ମହିଳା ଭକ୍ତଙ୍କ କହିବା ଅନୁଯାୟୀ, ସେ ଅନେକ ବର୍ଷ ହେବ ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାକୁ ବଞ୍ଚିତ ହେଉଥିଲେ। ତେବେ ଗୁରୁବାର ଗର୍ଭଗୃହକୁ ଯାଇ ଅତି ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଥିବା କହିଥିଲେ। ସେହିପରି ଭଞ୍ଜରାମ ପାଢୀଙ୍କ କହିବା ଅନୁଯାୟୀ, ସେ ମୁକ୍ତିମଣ୍ଡପ ବାହ୍ମଣ ଅଟନ୍ତି। ଗର୍ଭଗୃହ ମଧ୍ୟକୁ ପ୍ରବେଶ ଉପରେ କଟକଣା ରହିଛି। ଏନେଇ ସାମାଜିକ କର୍ମୀ ଦିଲୀପ କୁମାର ବରାଳଙ୍କ କହିବା ଅନୁଯାୟୀ, ୨୦୧୬ରେ ଶ୍ରୀମନ୍ଦିରର ଜଗମୋହନ ମରାମତି ସମୟରେ ଗର୍ଭଗୃହରେ ପ୍ରବେଶ ଉପରେ ହାଇକୋର୍ଟ କଟକଣା ଲାଗାଇଥିଲେ। ଯେଉଁ ସେବାୟତଙ୍କ ଉକ୍ତ ଦିନ ପାଳିଥିବ ସେହି ପାଳିଆ ସେବାୟତ ଗର୍ଭଗୃହକୁ ପ୍ରବେଶ କରି ପାଳି କରିବେ। ଅନ୍ୟ ସେବାୟତ ସେଠାକୁ ପ୍ରବେଶ କରିବେ ନାହିଁ। ସେହିଦିନଠାରୁ ଅନ୍ୟମାନଙ୍କ ଗର୍ଭଗୃହରେ ପ୍ରବେଶ ବନ୍ଦ ରହିଥିଲା। ଆଜିର ଏହି ଘଟଣା କୋର୍ଟଙ୍କ ଆଦେଶର ଅବମାନନା ଅଟେ। ତେଣୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ନିୟମ ଉଲ୍ଲଂଘନ କରିବାରେ ସାହାର୍ଯ୍ୟ କରିଥିବା ଅଧିକାରୀ ଏବଂ ଜେଟିପି, ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି କହିଛନ୍ତି।

## ଘରୋଇ ଦୁଗ୍ଧ କମ୍ପାନୀକୁ ଯାଉଛି ବେଆଇନ ଜାଳେଣି କାଠ

### ଅଭିଯୋଗ ପରେ ବି ବନ ବିଭାଗ ନୀରବ

ଗୋପ,୧୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ- ନିମାପଡ଼ା ରାସ୍ତାରେ ଥିବା ଏକ ଘରୋଇ ଦୁଗ୍ଧ କମ୍ପାନୀକୁ ଦୈନିକ ଆମ୍ବ, ପଣସ, ଜାମୁକୋଳି ସହିତ ଅନ୍ୟାନ୍ୟ କାଠ ଶହ ଶହ ଟ୍ରିପ୍ ଯାଉଥିବା ଭଳି ଅଭିଯୋଗ ହେଉଛି। ଅଭିଯୋଗ ପରେ ମଧ କୋଣାର୍କ, ଗୋପ ବନ ବିଭାଗ ଅଧିକାରୀ ନୀରବଦ୍ରଷ୍ଟା ରହିବା ସମସ୍ତଙ୍କୁ ଚକିତ କରିଛି। ପ୍ରକାଶ ଯେ, ଏହି ଘରୋଇ ଦୁଗ୍ଧ କମ୍ପାନୀରେ ଦୈନନ୍ଦିନ ହଜାର ହଜାର ଲିଟର କ୍ଷୀର ଗରମ କରିବାକୁ କାଠର ଆବଶ୍ୟକତା ପଡ଼ିଥାଏ। ଏଥିଲାଗି ଘରୋଇ ଦୁଗ୍ଧ କମ୍ପାନୀକୁ କାଠ ଆବଶ୍ୟକତା ରହିଛି। କେତେକ କାଠ ମାଫିଆ ଏହି ଘରୋଇ ଦୁଗ୍ଧ କମ୍ପାନୀକୁ କୋଣାର୍କ ବନ ବିଭାଗ ଅଧୀନ ବାଲିକପିଳେଶ୍ୱର, ସୁତନ ଅଞ୍ଚଳର ସରକାରୀ ଜଙ୍ଗଲ ଜମିରୁ ବେଆଇନ ଭାବେ କାଠ କାଟି ଆଣି ଯୋଗାଉଥିବା ଅଭିଯୋଗ ହୋଇଛି। ସରକାରୀ ଜଙ୍ଗଲ ଜମିରୁ ବେଆଇନ କାଠଗାଡ଼ିକୁ ଜବତ କରିବାକୁ ସାଧାରଣରେ ଦାବି କରାଯାଇଛି। ଏ ସମ୍ପର୍କରେ କୋଣାର୍କ ବନ ବିଭାଗ ଅଧିକାରୀ ସୁଦର୍ଶନ ଦେହୁରୀଙ୍କୁ ପଚାରିବାରେ, ଏହା ଉପରେ ତଦନ୍ତ କରିବେ ବୋଲି କହିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ପୁରୀ,୧୩।୬(ଅଜିତ୍ ମହାନ୍ତି)

ଜମ୍ମୁ-କଶ୍ମୀର ରିୟାସୀଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଘଟଣାକୁ ନିନ୍ଦା କରାଯାଇ ଗୁରୁବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି, ଜମ୍ମୁ-କଶ୍ମୀରର ବୈଷ୍ଣୋ ଦେବୀ ମନ୍ଦିର କଟରାଠାରୁ ଶିବଖୋଡ଼ି ଯିବା ରାସ୍ତାରେ ରିୟାସୀଠାରେ ହିନ୍ଦୁ ଶ୍ରଦ୍ଧାଳୁଙ୍କ ଉପରେ ଜୁନ୍ ୯ରେ ଇସ୍‌ଲାମିକ ଜିହାଦୀର ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୦ଜଣ ନିରୀହ ହିନ୍ଦୁ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଜମ୍ମୁ-କଶ୍ମୀରରେ ବହୁ ବର୍ଷ ଧରି ପାକିସ୍ତାନ ଦ୍ୱାରା ପାଳିତ ଆତଙ୍କବାଦୀଙ୍କ ଦବଦବା ରହି ଆସୁଥିବାବେଳେ ବିଗତ ଦିନରେ ମୋଦି ସରକାରଙ୍କ ଦ୍ୱାରା ଜମ୍ମୁ-କଶ୍ମୀରରେ ଧାରା ୩୭୦ ହଟିଲା ପରେ ଆଶାର କିରଣ ଜାଗ୍ରତ ହୋଇଥିଲା। କିନ୍ତୁ ଲାଗୁଛି ଆତଙ୍କବାଦୀଙ୍କ ମନୋବଳ ଏବେବି କମ୍ ହୋଇନାହିଁ। ହିନ୍ଦୁଙ୍କୁ ଚିହ୍ନଟ କରି ତାଙ୍କୁ ହତ୍ୟା କରିବା ଘଟଣା ଦିନକୁ ଦିନ ବଢି ଚାଲିଛି। ଦେଶରେ ସରକାରର ଶପଥ ଗ୍ରହଣ ଉତ୍ସବ ସମୟରେ ଆତଙ୍କବାଦୀଙ୍କ ଏହିଭଳି ଦୁଃସାହସିକ କାର୍ଯ୍ୟ ଦେଶପ୍ରତି ଏକ ବିଦ୍ରୋହର ଆହ୍ୱାନ ସଦୃଶ ସନ୍ଦେଶ ପାଳଟିଛି। ତେଣୁ ସଂଗଠନ ପକ୍ଷରୁ ଏହିଭଳି ଭୀରୁ ଓ କାପୁରୁଷ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ନିନ୍ଦା କରାଯାଉଛି। ଏ ଦିଗରେ କଠୋରରୁ କଠୋର ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଏହି ପ୍ରକାର ରାଷ୍ଟ୍ର ବିରୋଧୀ, ଦେଶ ବିରୋଧୀଙ୍କୁ ସଂରକ୍ଷଣ ଦେଉଥିବା ଜିହାଦୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି।

# ୪ଦ୍ୱାର ଖୋଲିବା ପରେ ଶ୍ରୀମନ୍ଦିର ପରିସରରେ ପ୍ରବଳ ଗହଳି

ପୁରୀ,୧୩।୬(ଅଜିତ୍ ମହାନ୍ତି)

**ପ୍ରଶାସନ ପକ୍ଷରୁ ପଦକ୍ଷେପ ପାଇଁ ସାଧାରଣରେ ଦାବି**

କୋଭିଡ ପରଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବାକୁ ଅନୁମତି ରହିଥିବାବେଳେ ଅନ୍ୟ ୩ ଦ୍ୱାରରେ ପ୍ରବେଶରେ କଟକଣା ଥିଲା। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ନୂତନ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ଭକ୍ତଙ୍କ ନିମନ୍ତେ ପୁନଃବାର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଛି। ଫଳରେ ଶ୍ରୀମନ୍ଦିର ପରିସରରେ ପ୍ରବଳ ଗହଳି ପରିଲିଖିତ ହୋଇଥିଲା। ପୂର୍ବରୁ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତ ଆସୁଥିବାରୁ ଭକ୍ତଙ୍କ ପ୍ରବେଶ ଉପରେ ପ୍ରଶାସନ ନଜର ରଖିବା ସହ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଫଳରେ ଭିତରେ ଗହଳି ହେଲେ ବାହାରେ ଲୋକଙ୍କୁ ଅଟକାଯାଉଥିଲା। ମାତ୍ର ଚାରିଦ୍ୱାର ଖୋଲିବା ଫଳରେ ଭକ୍ତମାନେ ସମସ୍ତ ଦ୍ୱାର ଦେଇ ପ୍ରବେଶ କରିଥିଲେ। ଯେଉଁଥିରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏପରିକି ନୀତି ସମୟରେ ଦର୍ଶନ ବନ୍ଦ ରହିଥିବାବେଳେ ଭକ୍ତମାନେ ମନ୍ଦିରକୁ ପ୍ରବେଶ କରୁଥିଲେ। ଫଳରେ ଭିତରେ ବେଢ଼ାରେ ଭକ୍ତମାନେ ଠିଆ ହୋଇରହିଥିଲେ। ପ୍ରବଳ ଗହଳି ଓ ଗୁଳୁଗୁଳି ଯୋଗୁ କିଛି ଭକ୍ତ ଅଚେତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ନେଇ ସୂଚନା ମିଳିଛି। ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବା ପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରିବା ସହ ଶ୍ରୀମନ୍ଦିର ଭିତରେ ଯେପରି ଗହଳି ନ ହେବ ସେନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରୀମନ୍ଦିର ପ୍ରଶାସନକୁ ସମ୍ବର୍ଦ୍ଧନା

ପୁରୀ,୧୩।୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ପ୍ଲାଷ୍ଟିକ୍ ବନ୍ଦ କରିବା କାର୍ଯ୍ୟକୁ ନେଇ ଆର୍ଥ ଡେ ଅର୍ଗାନାଇଜେଶନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଆର୍ଥ ଡେ ଅର୍ଗାନାଇଜେଶନ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏସିଆ ନିର୍ଦ୍ଦେଶକ କରୁଣା ସିଂ ଶ୍ରୀମନ୍ଦିର ପ୍ରଶାସନ ଅଫିସରେ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଏକ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପଲିଥିନ ବ୍ୟବହାର ବନ୍ଦ କରିବାକୁ ପ୍ରଶାସକଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସିଂ କହିଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା ଆଇନଜୀବୀ ରତ୍ନପର୍ଣ୍ଣା ମହାନ୍ତି ଉପସ୍ଥିତ ରହି ମନ୍ଦିର ପରିସରରୁ ପଲିଥିନ ସମ୍ପୂର୍ଣ୍ଣ ହଟାଇବାକୁ କେବଳ ପ୍ରଶାସନ ନୁହେଁ ସମସ୍ତ ସେବାୟତ ତଥା ଜନସାଧାରଣ ଉଦ୍ୟମ କରିବା ଉଚିତ୍। ପୁରୀ ସହରକୁ ବିଶ୍ୱରେ ୧ ନଂ. ସହର କରିବାକୁ ସରକାରଙ୍କ ସହ ସମସ୍ତ ଜନସାଧାରଣ ଉଦ୍ୟମ କରିବା ଉଚିତ୍ ବୋଲି ମତ ରଖିଥିଲେ। ସମ୍ମାନ ଗ୍ରହଣ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ଡି ଶୁଭ୍ରାଂଶୁ ପାଢ଼ୀ ଏବଂ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।



ଆର୍ଥ ଡେ ଅର୍ଗାନାଇଜେଶନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସମ୍ବର୍ଦ୍ଧିତ କରାଯାଉଛି।

# ୪ ଦ୍ୱାର ଖୋଲିଲା, ଭକ୍ତ ମନରେ ଉତ୍ସାହ ଭରିଲା

ପୁରୀ ୧୩।୬( ଅଜିତ୍ କୁମାର ମହାନ୍ତି )

**ଭକ୍ତଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ରାଜ୍ୟରେ ନୂତନ ସରକାର ଗଠନ ହେବାପରେ ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛି। ଫଳରେ ଭକ୍ତମାନେ ସେମାନଙ୍କ ସୁବିଧା ଅନୁଯାୟୀ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରୁଛନ୍ତି। ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବା ଫଳରେ ସେମାନଙ୍କ ମଧ୍ୟରେ ଏକ ଉତ୍ସାହ ଦେଖିବାକୁ ମିଳିଛି।**

## ସେମାନଙ୍କ ମତରେ....

“ ପୂର୍ବ ସରକାର ଜାଣିଶୁଣି ଶ୍ରୀମନ୍ଦିର ଚାରିଦ୍ୱାର ବନ୍ଦ ରଖିଥିଲେ। ଚାରିଦ୍ୱାର ବନ୍ଦ ରହିବା ଫଳରେ ଲମ୍ବାଲାଇନ ସୃଷ୍ଟି ହେବା ସହ ଭକ୍ତମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଭକ୍ତମାନଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବାନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ପରିଚାଳନା କମିଟି ଅଧ୍ୟକ୍ଷ, ଆଇନ ସଚିବ, ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟପାଳଙ୍କୁ ଦ୍ୱାରସ୍ଥ ହୋଇଥିଲି। ତେବେ ଅଭିଯୋଗକୁ ଗ୍ରହଣ କରି କିଛିଦିନ ତଳେ ରାଜ୍ୟପାଳ ଶ୍ରୀମନ୍ଦିର ପ୍ରଶାସନକୁ ଚାରିଦ୍ୱାର ଖୋଲିବା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଭକ୍ତମାନଙ୍କ ନିମନ୍ତେ ଚାରିଦ୍ୱାର ଖୋଲାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଖାଲି ଚାରିଦ୍ୱାର ଖୋଲିଦେଲେ ହେବନାହିଁ ଶ୍ରୀମନ୍ଦିର ଭିତରେ ଯେପରି ଭକ୍ତମାନେ ଶୃଙ୍ଖଳିତ ଭାବରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ପଦକ୍ଷେପ ନେବା ଆବଶ୍ୟକ।

**- ଦିଲୀପ ବରାଳ, ସାମାଜିକ କର୍ମୀ**

“ ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଭିଡ୍ ପରଠାରୁ ଶ୍ରୀମନ୍ଦିର ୩ଦ୍ୱାର ବନ୍ଦ ରହୁଥିବା କାରଣରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯିବା ସମୟରେ ଅନେକ ସମସ୍ୟା ଦେଖାଯାଉଥିଲା। ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଥିଲା। ଏବେ ଚାରିଦ୍ୱାର ଖୋଲାଯିବା ପରେ ସମସ୍ୟା ଦୂରହେବ। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯିବାରେ କୌଣସି ସମସ୍ୟା ଦେଖାଯିବ ନାହିଁ। ତେବେ ବୟସ୍କ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଭଲ ହେବ। ସରକାରଙ୍କ ଏପରି ନିଷ୍ପତ୍ତିକୁ ସ୍ୱାଗତ ଜଣାଉଛି।

**- ବିଶ୍ୱନାଥ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ**

“ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲୁ। ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଭଲ ଲାଗୁଛି। ପୂର୍ବରୁ ଗୋଟିଏ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଥିଲୁ। ଫଳରେ ବାହାରେ ଘଣ୍ଟା ଘଣ୍ଟା ଧରି ଠିଆହେବାକୁ ପଡୁଥିଲା। ଏବେ ଚାରିଦ୍ୱାର ଖୋଲାହେବା ଫଳରେ ଆଗଳି ଆଉ ସମସ୍ୟା ରହିବନି। ଚାରିଦ୍ୱାର ଖୋଲିବା ଫଳରେ ଗହିଳି ହେବ ନାହିଁ। ଭକ୍ତମାନେ ସେମାନଙ୍କ ସୁବିଧା ଅନୁଯାୟୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ସହ ଠାକୁରଙ୍କୁ ଦର୍ଶନ କରି ପାରିବେ। ସକରାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ।

**- ପୁଷ୍ପଲତା କବି, ବାଲେଶ୍ୱର**

“ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲୁ। ଚାରିଦ୍ୱାର ଖୋଲାହେବା ଦ୍ୱାରା ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ। କମ୍ ସମୟ ମଧ୍ୟରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କଲୁ। ଅନେକ ଦିନ ହେବ ମନରେ ଗୋଟିଏ ସ୍ୱପ୍ନ ରହିଥିଲା ଚାରିଦ୍ୱାର ଖୋଲାଯାଉ। ଆଜି ଚାରିଦ୍ୱାର ଖୋଲିଲା ବହୁତ ଭଲ ଲାଗୁଛି। ପ୍ରଶାସନ ପକ୍ଷରୁ ଆଉ କିଛି ବ୍ୟବସ୍ଥା କରାଗଲେ ଭଲ ହେବ।

**- ଇଶାନ୍ତ, ଜଟଣୀ**

“ ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଶାଖାପାଟଣାରୁ ଆସିଥିଲୁ। ସେବାୟତମାନଙ୍କ ସହାୟତାରେ ଭଲ ଦର୍ଶନ ହେଲା। ବ୍ୟବସ୍ଥା ଭଲ ରହିଛି। ଚାରିଦ୍ୱାର ଚାରିଗୋଟି ପ୍ରତୀକକୁ ସୂଚାଇଥାଏ। ଚାରିଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ଦ୍ୱାରା ଭକ୍ତମାନେ ସୁରୁଖୁରୁରେ ଠାକୁରଙ୍କ ଦର୍ଶନ କରିପାରିବେ। ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ । କିନ୍ତୁ ଶୃଙ୍ଖଳିତ ଦର୍ଶନ ଉପରେ ମଧ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ।

**-ପି.ସନ୍ଧ୍ୟା ରାଓ, ବିଶାଖାପାଟଣା**

“ ପୁରୀବାସୀ ହିସାବରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାଉ। ମାତ୍ର କୋଭିଡ୍ ପରଠାରୁ ଶ୍ରୀମନ୍ଦିର ଚାରିଦ୍ୱାର ବନ୍ଦ ହେବାଯୋଗୁ ବ୍ୟାରିକେଡ୍‌ରେ ଠିଆହୋଇ ଘଣ୍ଟା ଘଣ୍ଟା ଧରି ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବା ସମ୍ଭବ ହେଉ ନ ଥିଲା। ପରବର୍ତ୍ତୀ ସମୟରେ ପୁରୀବାସୀଙ୍କ ନିମନ୍ତେ ପଶ୍ଚିମଦ୍ୱାର ଖୋଲାଗଲା ମାତ୍ର ଉକ୍ତ ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିଲା। ଫଳରେ ସିଂହଦ୍ୱାରଠାରେ ବାହାରୁ ପତିତପାବନଙ୍କ ଦର୍ଶନ କରିଥିଲୁ। ଏବେ ଚାରିଦ୍ୱାର ଖୋଲିଲା। ତେଣୁ ଏବେ ଚାରିଦ୍ୱାର ଦେଇ ପ୍ରବେଶ କରିହେବ। ସରକାରଙ୍କ ନିଷ୍ପତ୍ତି ଗ୍ରହଣଯୋଗ୍ୟ। ମାତ୍ର ଭିତର ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ।

**- ସନାତନ ଭୋଇ, ଖଣ୍ଡିଆବନ୍ଧ, ପୁରୀ**

**ଦନ୍ତ ଚିକିତ୍ସା ଶିବିର**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅଞ୍ଚଳର କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ରରେ ଦନ୍ତ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବିଷ୍ଣୁଚରଣ ପରିଡ଼ା ଓ ଫାଉଣ୍ଡେଶନ ଅଧକ୍ଷା ଭାରତୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରାୟ ୨୮ଜଣ ଅନ୍ତେବାସୀଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲକୁ ପଠାଇ ଦିଆଯାଇଥିଲା। ପ୍ରିୟଙ୍କା ଦାସ, ବଦ୍ରିନାରାୟଣ ଅଧିକାରୀ, ସୁବ୍ରତ ଖଟୁଆ, ସରୋଜ ସାହୁ, କେଦାରନାଥ ବେହେରା, ମାନସୀ ନାଥଙ୍କ ସମେତ ଉଦ୍ଧାର ଫାଉଣ୍ଡେଶନର କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ୟାଜଳ ନିଷ୍କାସନକୁ ଗୁରୁତ୍ୱ

କଟକ,୧୩।୬ (କାର୍ତ୍ତିକ ସାହୁ)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ କଟକ ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରାକ୍ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆ ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ବାସ୍ତବିକତା ଦୃଷ୍ଟିକୋଣରୁ କାର୍ଯ୍ୟାନ୍ୱୟନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସ୍ଥିର କରିଥିବା ମାନକ ବଜାୟ ରଖିବା ଜରୁରୀ ବୋଲି ସେ କହିଥିଲେ। ଏଥିରେ ଯୋଗଦେଇଥିବା ଲୋକ ପ୍ରତିନିଧିମାନେ ନିଜ ଅଞ୍ଚଳର ବିପର୍ଯ୍ୟୟ ଜନିତ ଅଭାବ ଅସୁବିଧାକୁ ନେଇ ପ୍ରଶାସନର ପ୍ରସ୍ତୁତି ଉପରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଏଥିସହ ସେଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ଜିଲାସ୍ତର ଏବଂ କାର୍ଯ୍ୟାଳୟସ୍ତରରେ କଣ୍ଟ୍ରୋଲ୍ ରୁମ୍‌ର କାର୍ଯ୍ୟକାରିତା, ବିଭିନ୍ନ ନଦୀବନ୍ଧ ମରାମତି, ସହରାଞ୍ଚଳର ଡ୍ରେନେଜ ସଫେଇ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ, ଔଷଧ, ପାନୀୟଜଳ ଆଦି ମହଜୁଦ ରଖିବା ଏବଂ ପହଞ୍ଚାଇବା ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା



ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ବିଧାୟକମାନଙ୍କ ସମେତ ଅନ୍ୟମାନେ।

ହୋଇଥିଲା। ବିଶେଷକରି ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବେଆଇନ ଭାବେ ନଦୀପଠାରୁ ବାଲି ଖନନ କରି ନଦୀବନ୍ଧକୁ ଦୁର୍ବଳ କରୁଥିବା ବାଲିମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲୋକପ୍ରତିନିଧିମାନେ ପ୍ରଶାସନକୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ମତପ୍ରକାଶ ପାଇଥିଲା। ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଆପଦା ମିତ୍ର ଭଳି ଗୋଷ୍ଠୀକୁ ଉପଯୁକ୍ତ ଭାବେ ଉପଯୋଗ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

କରିବା ନିମନ୍ତେ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଥିଲା। କଣ୍ଟ୍ରୋଲ ରୁମ୍‌ଗୁଡ଼ିକର ଟେଲିଫୋନ୍ ନମ୍ବର ସାମାଜିକ ଗଣମାଧ୍ୟମରେ ସାର୍ବଜନୀନ କରିବା ନିମନ୍ତେ ଲୋକପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ୍ ଓ ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ବିଭାଗୀର ଅଧିକାରୀ ଓ ଯନ୍ତ୍ରୀମାନେ ବିବରଣୀ ଉପସ୍ଥାପନ କରିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ପୁନଶ୍ଚ ବିଶେଷଭାବେ ବିଭିନ୍ନ ଦିଗ ଉପରେ ବୈଠକ ଆହ୍ୱାନ କରାଯିବାକୁ ମତପ୍ରକାଶ ପାଇଥିଲା।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ମହାନଗର ନିଗମ ମେୟର ସୁବାସ ସିଂ, କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଏନ୍‌ଡିଆର୍‌ଏଫ୍‌ର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବାବଦରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ (ଉନ୍ନୟନ) ଦିବ୍ୟଲୋଚନ ମହାନ୍ତ ଅତିଥି ପରିଚୟ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଟଙ୍କା ଚୋରି, ମହିଳା ଗିରଫ

କଟକ,୧୩।୬ (କାର୍ତ୍ତିକ ସାହୁ)

ଟଙ୍କା ଚୋରି ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ମହିଳାଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ରାଉସାପାଟଣାରେ ରହୁଥିବା ଯାଜପୁର ଧର୍ମଶାଳା ଅଞ୍ଚଳର ପିଙ୍କି ବେହେରା। ମହତାବ ରୋଡ୍‌ର ଲୁଗା ବ୍ୟବସାୟୀ ଦାମୋଦର ଅଗ୍ରୱାଲଙ୍କ ଘରେ ଦୀର୍ଘଦିନ ହେବ ପିଙ୍କି ସହାୟିକା ଭାବେ କାମ କରୁଥିଲେ। ଦାମୋଦର ଦୈନିକ ସହରର ଖୁଚୁରା ବ୍ୟବସାୟୀଙ୍କଠାରୁ ଟଙ୍କା ଆଣି ନିଜ ରୁମ୍‌ର ଆଲମିରାରେ ରଖୁଥିଲେ। ପିଙ୍କି ଏସବୁ ଉପରେ ନଜର ରଖିଥିଲେ। ଗତ ୭ ତାରିଖରେ ଦାମୋଦର ୨ ଲକ୍ଷ ୬ ହଜାର ଟଙ୍କା ଆଲମିରାରେ ରଖି ଚାବି ପକାଇବାକୁ ଭୁଲିଯାଇଥିଲେ। ଏହି ସୁଯୋଗରେ ପିଙ୍କି ଉକ୍ତ ଟଙ୍କା ଚୋରିକରି ନେଇଥିଲେ। ଦାମୋଦର ରାତିରେ ବ୍ୟବସାୟରୁ ଫେରି ଆଲମିରାରେ ଟଙ୍କା ନ ଥିବା ଦେଖିବାକୁ ପାଇଲେ। ପରିବାର ସଦସ୍ୟଙ୍କୁ ପଚରାଉଚରା ପରେ ବି କୌଣସି ସୂଚନା ସେ ପାଇ ନ ଥିଲେ। ପିଙ୍କି ଉପରେ ତାଙ୍କର ସନ୍ଦେହ ହୋଇଥିଲା। ସେ ପିଙ୍କି ଫୋନ୍‌କୁ କଲ୍ କରିବାରୁ ନମ୍ବର ସୁଇଚ୍ ଅଫ୍ ଥିଲା। ତାଙ୍କ ଘରକୁ ଯାଇ ଦେଖିବାବେଳକୁ ଦରଜାରେ ତାଲା ପଡିଥିଲା। ଏହାଦ୍ୱାରା ଦାମୋଦରଙ୍କ ସନ୍ଦେହ ଅଧିକ ହେବାରୁ ସେ ବାଦାମବାଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଧର୍ମଶାଳା ଅଞ୍ଚଳରୁ ପିଙ୍କିଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ ହଜାର ଟଙ୍କା ଜବତ କରିଛି। ବାକି ଟଙ୍କାକୁ କେତେଜଣ ସମ୍ପର୍କୀୟଙ୍କୁ ଦେବା ସହ ଧାରକରଜ ଶୁଝିଦେଇଥିବା ଜେରା ବେଳେ ପିଙ୍କି ସ୍ୱୀକାର କରିଥିବା ଥାନା ଅଧିକାରୀ ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।

## ରଜ ମହୋତ୍ସବ ଉଦ୍‌ଘାଟିତ

କଟକ ସଦର, ୧୩।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ୪ ଦିନ ବ୍ୟାପୀ ହେବାକୁ ଥିବା ରଜ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ମହୋତ୍ସବର ବିଭିନ୍ନ ଦିବସରେ ନୃତ୍ୟ, ସଙ୍ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। କଟକ ସଦର ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାମୀ ଅମୃତାନନ୍ଦ, ଡ. ବାଞ୍ଛୁ ମାରାଣ୍ଡି, ସୁଜାତା ସେଠୀ, ସ୍ୱରୁପ ସୁମନ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ମହେଶ୍ୱର ଦାସ, ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ,୧୩।୬ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଥାନା ଅଧୀନ ଶଙ୍କରପୁର ଅଞ୍ଚଳର ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ସାଗର ଓରଫ ସୁରଜ ରାଉତ(୩୫)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁସାରେ, ସୁରଜ ଲକ୍ଷାଧିକ ଟଙ୍କା ଋଣ ବୋଝରେ ଥିଲେ। ଏହାକୁ ନେଇ କିଛିଦିନ ହେବ ପରିବାରରେ ଅଶାନ୍ତି ଲାଗିରହିଥିଲା। ବୁଧବାର ରାତିରେ ଘରେ ଖାଇବା ସମୟରେ ଏନେଇ ପୁଣି ପାଟିତୁଣ୍ଡ ହୋଇଥିଲା। ଫଳରେ ସରୋଜ ଖାଇବା ଅଧାରୁ ଉଠି ନିଜ ରୁମ୍‌କୁ ପଳାଇଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ଯାଇ ଡାକିବାରୁ ସେ କବାଟ ଖୋଲି ନ ଥିଲେ। ଫଳରେ ପରିବାର ଲୋକେ କବାଟ ଭାଙ୍ଗି ଦେବାରୁ ସୁରଜ ଲୁଗା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ସୁରଜଙ୍କୁ ଏସ୍‌ସିବି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୪) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, କଟକ ସହରରେ ସୁରଜ ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ ପରିଚିତ ଥିଲେ।



ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ବଜରଙ୍ଗ ଦଳ କଟକ ମହାନଗର ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଏସ୍‌ସିବିରେ ଦ୍ୱିତୀୟ ଥର ହେବ ଯକୃତ ପ୍ରତିରୋପଣ

କଟକ, ୧୩।୬(ଶିଳ୍ପା ପ୍ରିୟଦର୍ଶିନୀ)

- ୪ଜଣଙ୍କ ସ୍କ୍ରିନିଂ କଲା ଏଆଇଜି ଟିମ୍
- ଭିତ୍ତିଭୂମି ପ୍ରସ୍ତୁତ କରନ୍ତୁ କର୍ତ୍ତୃପକ୍ଷ




ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ଥର ପାଇଁ ଯକୃତ ପ୍ରତିଯୋପଣ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ହାଇଦ୍ରାବାଦ୍‌ସ୍ଥିତ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି (ଏଆଇଜି) ଟିମ୍‌ର ନିର୍ଦ୍ଦେଶକ ପି. ବାଲାଚନ୍ଦ୍ରନ ମେନନ ଓ ଉପସଭାପତି ସନ୍ତୋଷ କୁମାର ସାହୁ ଗୁରୁବାର ଏସ୍‌ସିବି ମେଡିକାଲ ହେପାଟୋଲୋଜି ବିଭାଗରେ ୪ଜଣଙ୍କ ସ୍କ୍ରିନିଂ କରିଛନ୍ତି। ଏସ୍‌ସିବି କର୍ତ୍ତୃପକ୍ଷ ମେଡିକାଲରେ ଭିତ୍ତିଭୂମି ପ୍ରସ୍ତୁତ କଲେ ଦ୍ୱିତୀୟ ଥର ଯକୃତ ପ୍ରତିରୋପଣ କାର୍ଯ୍ୟ ଆଗକୁ ବଢ଼ିବ। ଏସ୍‌ସିବିରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ ପାଇଁ ସ୍ୱତନ୍ତ୍ର ବହିର୍ବିଭାଗ ଓପିଡିରେ ୧୦ ଓ ଇନ୍‌ଡୋର ଓପିଡିରେ ୪ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ସମସ୍ତ ରୋଗୀ ନିଜ ନିଜ ଦାତା ପ୍ରସ୍ତୁତ କରିଥିବାବେଳେ ୪ ଜଣଙ୍କ ମ୍ୟାଚ୍ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ପ୍ରତିରୋପଣ ହୋଇପାରିବ ବୋଲି ଡା. ମେନନ କହିଛନ୍ତି। ଏଥିପାଇଁ ସେମାନେ ପ୍ରସ୍ତୁତ ରହିବେ।

ସୂଚନାଯୋଗ୍ୟ, ଏସ୍‌ସିବିରେ ପ୍ରଥମଥର ପାଇଁ କଟକ ଜିଲା ତିଗିରିଆ ଅଞ୍ଚଳର ମାନସ ବାରିକଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥିଲା। ସେ କଟକରେ ରହି ପ୍ରତି ସପ୍ତାହରେ ଚେକ୍‌ଅପ୍ ପାଇଁ ଏସ୍‌ସିବି ମେଡିକାଲ ଆସୁଥିଲେ। ଗୁରୁବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ତାଙ୍କୁ ଗାଁକୁ ଫେରିଯିବା ପାଇଁ ଏଆଇଜି ଟିମ୍ ଅନୁମତି ଦେଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ଶୁଭେଚ୍ଛା

ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)


ସିତାଂଶୁ ମୋହନ ଦ୍ୱିବେଦୀ

ରାଜ୍ୟରେ ପ୍ରଥମ କରି ଭାଜପା ସରକାର ଗଢ଼ିବା ସହ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଶପଥ ନେଇଛନ୍ତି। ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ମାଝି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ସମସ୍ତ ମନ୍ତ୍ରୀ ପରିଷଦ ସଦସ୍ୟଙ୍କୁ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ରାଜ୍ୟରେ କର୍ତ୍ତବ୍ୟରତ ଅଧିବକ୍ତାଙ୍କ ପାଇଁ ନୂତନ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ଆଶାବାଦୀ ଥିବା ସେ କହିଛନ୍ତି। ବିଶେଷ କରି ପୂର୍ବ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ଦାବି ଗୁଡ଼ିକ ନୂଆ ସରକାର ପୂରଣ କରିପାରିବେ ବୋଲି ସେ କହିଛନ୍ତି। ଓଡ଼ିଶା ଆଇନଜୀବୀ ପରିଷଦ ଅନ୍ତର୍ଭୁକ୍ତ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ଦିଆଯାଇଥିବା ଅନୁଦାନ ରାଶିକୁ ୫କୋଟିରୁ ୧୦କୋଟି ଟଙ୍କାକୁ ବୃଦ୍ଧି, ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସମସ୍ତ ଓକିଲଙ୍କୁ ୧୦ଲକ୍ଷ ଲେଖାଏ ସହାୟତା, ଓଡ଼ିଶାରେ କେରଳ ରାଜ୍ୟ ଭଳି ଆଇନଜୀବୀ ଏକାଡେମୀ ପ୍ରତିଷ୍ଠା ଓ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନ ପ୍ରଦାନ ଆଦି ଦାବୀ ପୂରଣ ନେଇ ପରିଷଦ ଆଶାବାଦୀ ଥିବା ମତ ପ୍ରକାଶ ପାଇଛି। ଆଇନରେ ସ୍ନାତକ ଶିକ୍ଷା ଲାଭ କରିଥିବା ମୁଖ୍ୟମନ୍ତ୍ରୀ ଆଇନଜୀବୀଙ୍କ ସମସ୍ୟାର ସମାଧାନ କରିବେ ବୋଲି ଦ୍ୱିବେଦୀ କହିଛନ୍ତି।

## ବାଦାମବାଡ଼ିରେ ଉଠାଦୋକାନୀଙ୍କୁ ଉଚ୍ଛେଦର ପ୍ରତିବାଦ

କଟକ,୧୩।୬ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଉଠାଦୋକାନୀ ସଂଘ ପକ୍ଷରୁ ଉଠାଦୋକାନୀଙ୍କୁ ଉଚ୍ଛେଦର ପ୍ରତିବାଦ କରାଯାଇଛି। ଥଇଥାନ ନ କରି ହଠାତ୍ ବାଦାମବାଡ଼ି ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳର ରାସ୍ତାପାର୍ଶ୍ୱ ଉଠାଦୋକାନୀମାନଙ୍କୁ ପୋଲିସ ଉଚ୍ଛେଦ କରିଛି। ଉଚ୍ଛେଦ ସମୟରେ ସେମାନଙ୍କ ଜିନିଷପତ୍ର, ଫଳ, ଖାଦ୍ୟ ଆଦି ଫିଙ୍ଗିଦେବା ସହ ଗାଳିଗୁଲଜ କରାଯାଇଛି। ଏହାର ପ୍ରତିବାଦରେ ବାଦାମବାଡ଼ି ଉଠାଦୋକାନୀ ସଂଘ ପକ୍ଷରୁ କଟକ ଡିସିପିଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭେଣ୍ଡିଂଜୋନ୍ ଦେବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ମଧ୍ୟ ସରକାର କାର୍ଯ୍ୟକାରୀ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଫୁଟ୍‌ପାଥ୍ ଛାଡ଼ି ରାସ୍ତା ପାର୍ଶ୍ୱରେ ଉଠାଦୋକାନୀମାନଙ୍କୁ ବ୍ୟବସାୟ କରିବାକୁ ଆଇନଗତ ଭାବେ ସହଯୋଗ କଲେ ପରିବାର ପ୍ରତିପୋଷଣ କରିପାରିବେ ବୋଲି ସେମାନେ ଦର୍ଶାଇଛନ୍ତି। ଉଠାଦୋକାନୀ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି, ଉପଦେଷ୍ଟା ବିନୋଦ ବେହେରା, ବାଦାମବାଡ଼ି ଉଠାଦୋକାନୀ ସଂଘ ସମ୍ପାଦକ ଛବି ଖୁଣ୍ଟିଆ, ସହ ସମ୍ପାଦକ ଶିବ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।


ବାଦାମବାଡ଼ି ଉଠାଦୋକାନୀ ସଂଘର ସଦସ୍ୟମାନେ ଡିସିପିଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ

କଟକ ସଦର, ୧୩।୬(ସୁଶାନ୍ତ କୁମାର ଜେନା)

**ସରୋଜ ଭୋଇ ହତ୍ୟା ଘଟଣା**
- ଥାନାଧିକାରୀଙ୍କୁ ଦାବିପତ୍ର

କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ଡ୍ରାଇଭର ସରୋଜ ଭୋଇ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଗୁରୁବାର କଟକ ସଦର କଂଗ୍ରେସ ପକ୍ଷରୁ ଥାନାଧିକାରୀ ରାଧାକାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ଉପ ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାଧିକାରୀ ସାହୁଙ୍କ ଆଲୋଚନା କରିଥିଲା। ଇତିମଧ୍ୟରେ ହତ୍ୟା ଘଟଣାକୁ ୧୮ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କ ପତ୍ତା ନ ପାଇବା ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଥାନା ଘେରାଉ ସହ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଦଳର ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ଆଲୋକ ପ୍ରସାଦ ନନ୍ଦ, ମୁଖପାତ୍ର ଅଶୋକ କୁମାର ସ୍ୱାଇଁ, ଜିଲା ଉପ ସଭାପତି ମାନସ ରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ଉଗ୍ରସେନ୍ ଭୂୟାଁ, ନୀରଞ୍ଜନ ଲେଙ୍କା, ଜୀବନ ଜେନା, ଦିଲ୍ଲୀପ ବାରିକ, ଋଷି କାଣ୍ଡି, ଅଜୟ କୁମାର ମଲ୍ଲିକ, ସୁବ୍ରତ କୁମାର ବସ୍ତିଆ ପ୍ରମୁଖ ଚେତାବନୀ ଦେଇଛନ୍ତି।


କଂଗ୍ରେସ ପକ୍ଷରୁ ଥାନାଧିକାରୀ ରାଧାକାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ଗତ ମେ' ୨୪ ତାରିଖ ରାତିରେ ସରୋଜ ସ୍କୁଟି ନେଇ ଘରୁ ବାହାରକୁ ଆସିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ୨୫ ତାରିଖ ସକାଳେ ଦେଓପୁର ଗ୍ରାମର ଏକ ପୋଖରୀ ନିକଟରେ ଗଳା କଟା ଅବସ୍ଥାରେ ତାଙ୍କ ମୃତଦେହ ପଡିଥିଲା। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ମୃତକଙ୍କ ପରିବାର ଲୋକେ ଏନେଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୦୭/୨୪) ରୁଜୁ କରିଥିଲା। ଇତିମଧ୍ୟରେ ପୋଲିସ ୨୫ରୁ ଊର୍ଦ୍ଧ୍ୱ ମହିଳା, ଯୁବକ ଓ ମୃତକଙ୍କ ଫୋନ୍ କଲ୍ ଯାଞ୍ଚ କରିବା ସହ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଆବଶ୍ୟକ ପଡିଲେ ଭୁବନେଶରସ୍ଥିତ ଫୋରେନ୍‌ସିକ୍ ଲାବୋରେଟୋରିରେ କେତେଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଜଣାପଡିଛି।

